# ଅଧ୍ୟାୟ ୧୬

## ପାଠର ନାମ—ଓଡ଼ିଆ ପଦ୍ୟ ସାହିତ୍ୟ (ପ୍ରାଚୀନ ଓ ଆଧୁନିକ)

**ପ୍ରାଚୀନ—'ନୀଳ ସୁନ୍ଦର ବର୍ଣ୍ଣନ ଓ ବଡ଼ ଦେଉଳ ତୋଳା କଥା'**

**ଆଧୁନିକ—'ଦରବାର'**

### ଗଠନକ୍ରମ


୧୬.୦ ଉଦ୍ଦେଶ୍ୟ

୧୬.୧ ଉପକ୍ରମଣିକା

୧୬.୨ ମୂଳପାଠର ପ୍ରଥମଭାଗ

- ୧୬.୨.୧ ମୂଳପାଠର ପ୍ରଥମଭାଗ ଉପରେ ପ୍ରଶ୍ନାବଳୀ
- ୧୬.୨.୨ ମୂଳପାଠର ପ୍ରଥମଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧୬.୩ ମୂଳପାଠର ଦ୍ଵିତୀୟଭାଗ

- ୧୬.୩.୧ ମୂଳପାଠର ଦ୍ଵିତୀୟଭାଗ ଉପରେ ପ୍ରଶ୍ନାବଳୀ
- ୧୬.୩.୨ ମୂଳପାଠର ଦ୍ଵିତୀୟଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧୬.୪ ମୂଳପାଠର ଶେଷଭାଗ

- ୧୬.୪.୧ ମୂଳପାଠର ଶେଷଭାଗ ଉପରେ ପ୍ରଶ୍ନାବଳୀ
- ୧୬.୪.୨ ମୂଳପାଠର ଶେଷଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ
- ୧୬.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନାବଳୀ
- ୧୬.୪.୪ ସମ୍ପୂର୍ଣ୍ଣ ମୂଳପାଠ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧୬.୫ ସାରାଂଶ

୧୬.୬ ଶବ୍ଦାର୍ଥ

୧୬.୭ ପଠନ ଅଭ୍ୟାସ

୧୬.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧୬.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୧୬.୦ ଉଦ୍ଦେଶ୍ୟ

ଭାଷା ଓ ସାହିତ୍ୟ ଚିର ପରିବର୍ତ୍ତନଶୀଳ । ସମୟର ବିବର୍ତ୍ତନ ଅନୁସାରେ ମନୁଷ୍ୟର ସାମାଜିକ ଜୀବନଧାରା, ରୁଚିବୋଧ ଓ ରୀତିଚଳନର ଯେପରି ପରିବର୍ତ୍ତନ ଘଟିଥାଏ, ଭାଷା ଓ ସାହିତ୍ୟର ମଧ୍ୟ ସେହିପରି ବିଭିନ୍ନ ପରିବର୍ତ୍ତନ ଦେଖା ଦେଇଥାଏ । ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସ ପୃଷ୍ଠା ଉନ୍ମୋଚନ କଲେ ଦେଖାଯାଏ ଯେ ପାଞ୍ଚଶହ ବର୍ଷ ତଳର ଓଡ଼ିଆ ଭାଷା ଓ ସାହିତ୍ୟ ଏବଂ ଆଜିର ଭାଷା ଓ ସାହିତ୍ୟ ମଧ୍ୟରେ ଅନେକ ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନ ଘଟିଅଛି । ଏହି ପରିବର୍ତ୍ତନର ଯଥାର୍ଥ ସ୍ଵରୂପ ନିର୍ଣ୍ଣୟ ପାଇଁ ଏକ ପ୍ରାଚୀନ ପଦ୍ୟ ଓ ଆଧୁନିକ ପଦ୍ୟକୁ ପାଠରୂପେ ଗ୍ରହଣ କରାଯାଇଛି । ପ୍ରାଚୀନ ପଦ୍ୟଟିର ଶୀର୍ଷକ ''ନୀଳସୁନ୍ଦର ବର୍ଣ୍ଣନ ଓ ବଡ଼ ଦେଉଳ ତୋଳା କଥା'' । ଓଡ଼ିଶାର ଆଦିକବି ରୂପେ ପରିଚିତ ସାରଳାଦାସଙ୍କ ପ୍ରସିଦ୍ଧ ଗ୍ରନ୍ଥ 'ମହାଭାରତ'ରୁ ଏହି ପ୍ରସଙ୍ଗଟି ଗୃହୀତ । ଆଧୁନିକ ପଦ୍ୟଟି ଆଧୁନିକ ଓଡ଼ିଆ କବିତାର ଯୁଗସ୍ରଷ୍ଟା କବିବର ରାଧାନାଥ ରାୟଙ୍କ ଦରବାର କାବ୍ୟରୁ ଗୃହୀତ ।

## ୧୬.୧ ଉପକ୍ରମଣିକା

ସାରଳା ଦାସଙ୍କ ଦ୍ଵାରା ରଚିତ ମହାଭାରତ, ବିଲଙ୍କାରାମାୟଣ ଓ ଚଣ୍ଡୀ ପୁରାଣ ଆଦି ବିରାଟ ବିରାଟ ଗ୍ରନ୍ଥ ଓଡ଼ିଆ ଲିଖିତ ସାହିତ୍ୟର ଉନ୍ମେଷକାଳୀନ ସୃଷ୍ଟି ବିଭବ । ଏସବୁ ଗ୍ରନ୍ଥଗୁଡ଼ିକ ସେତେବେଳର

ଲୋକ ମୁଖରେ ପ୍ରଚଳିତ ଓଡ଼ିଆ ଭାଷାରେ ରଚିତ ହୋଇଥିଲା । ଏହି ସମୟରେ ସଂସ୍କୃତ ସାହିତ୍ୟର ଅଖଣ୍ଡ ପ୍ରଭାବ ଭାରତୀୟ ସମସ୍ତ ସାହିତ୍ୟ ଉପରେ ବିସ୍ତାରିତ ହୋଇଥିଲା । ତତ୍‌କାଳୀନ ସଂସ୍କୃତ ପଣ୍ଡିତମାନେ ପ୍ରାକୃତ ଭାଷା, ଅପଭ୍ରଂଶ ଭାଷା କିମ୍ବା ଦେଶୀୟ ଭାଷାରେ ରଚିତ କାବ୍ୟ କବିତାକୁ ଘୃଣା କରୁଥିଲେ । ଏପରିକି ଯେଉଁମାନେ ପ୍ରାଦେଶିକ ଦେଶୀୟ ଭାଷାରେ ଗ୍ରନ୍ଥମାନ ରଚନା କରୁଥିଲେ ସେମାନଙ୍କୁ ରାଜଦଣ୍ଡ ମିଳୁଥିଲା । ସାଧାରଣତଃ ଧାର୍ମିକ ବ୍ୟକ୍ତିମାନେ ସେମାନଙ୍କର ଆଧ୍ୟାତ୍ମିକ ତୃଷ୍ଣା ପ୍ରଶମିତ କରାଇବା ପାଇଁ ପଣ୍ଡିତମାନଙ୍କର ଦ୍ୱାରସ୍ଥ ହୋଇ ପୁରାଣ ଆଦି ଶ୍ରବଣ କରୁଥିଲେ । ଏଥିରେ ସେମାନଙ୍କର ପାଣ୍ଡିତ୍ୟର ପ୍ରଚାର ସଙ୍ଗେ ସଙ୍ଗେ ବିପୁଳ ଅର୍ଥଲାଭ ହେଉଥିଲା; ମାତ୍ର ଏହି ଅର୍ଥ ଗୃଧ୍ନୁ ରକ୍ଷଣଶୀଳ ପଣ୍ଡିତମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସାରଳାଦାସ ପ୍ରଥମେ ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରିବାର ଦୁଃସାହସିକ ପଦକ୍ଷେପ ଗ୍ରହଣ କରିଥିଲେ । ସେ ପଣ୍ଡିତମାନଙ୍କ ଦ୍ୱାରା ନିର୍ଯାତିତ ହେଲେ ମଧ୍ୟ ଓଡ଼ିଆ ଭାଷାରେ ପୁରାଣ ରଚନା କାର୍ଯ୍ୟରୁ ନିବୃତ୍ତ ନ ହୋଇ ସେତେବେଳେ ଲୋକମୁଖରେ ପ୍ରଚଳିତ ଖାଣ୍ଟି ଓଡ଼ିଆ ଭାଷାରେ ସାହିତ୍ୟ ସୃଷ୍ଟି କରିଥିଲେ । ଅଲୌକିକ ପ୍ରତିଭାର ଅଧିକାରୀ ହୋଇ ଜଣେ ମହାନ୍ ସ୍ରଷ୍ଟା ଭାବରେ ଯେଉଁ ଆଦର୍ଶ ପରମ୍ପରା ସୃଷ୍ଟି କରିଗଲେ ତାହା ପରବର୍ତ୍ତୀ ସ୍ରଷ୍ଟାମାନଙ୍କୁ ଯଥେଷ୍ଟ ପ୍ରେରଣା ଦେଇଥିଲା ।

ମହାକବି ସାରଳାଦାସ କଟକ ଜିଲ୍ଲାର ଝଙ୍କଡ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଯଶୋବନ୍ତ ପରିଡ଼ା । ତାଙ୍କର କୌଳିକ ବ୍ୟବସାୟ ଥିଲା କୃଷିକର୍ମ । ପିଲାଦିନେ ତାଙ୍କର ନାମଥିଲା ସିଦ୍ଧେଶ୍ୱର ପରିଡ଼ା । ଏହି ଝଙ୍କଡ ଗ୍ରାମଟି ସାରଳା ଚଣ୍ଡୀଙ୍କ ମନ୍ଦିର ନିକଟରେ ଅବସ୍ଥିତ । ପିଲାଦିନେ ସେ ମୂର୍ଖ ଥିଲେ ଏବଂ ମା' ସାରଳାଚଣ୍ଡୀଙ୍କ ଅପାର କରୁଣାରୁ ପୁରାଣ ରଚନା କରିବାକୁ ସମର୍ଥ ହୋଇଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି ।

''ଝଙ୍କଡ଼ ନିବାସୀ ଚଣ୍ଡୀ ଶ୍ରୀ ସାରଳା ସେବୀ
ତାହାଙ୍କ ପ୍ରସନ୍ନେ ମୁହିଁ ବୋଲୁଅଛି କବି ।'' (ଦ୍ରୋଣ ପର୍ବ)

ମହାଭାରତ ରଚନାପରେ ସିଦ୍ଧେଶ୍ୱର ପରିଡ଼ା ଶୂଦ୍ରମୁନି ସାରଳାଦାସ ରୂପେ ପରିଚିତ ହୋଇଥିଲେ । କବି ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବଙ୍କ ସମୟରେ ମହାଭାରତ ଓ ବିଲଙ୍କା ରାମାୟଣ ଆଦି ଗ୍ରନ୍ଥମାନ ରଚନା କରିଥିବାର ପ୍ରମାଣ ମିଳେ । କପିଳେନ୍ଦ୍ରଙ୍କ ରାଜତ୍ୱ ସମୟ ୧୪୩୫ ଖ୍ରୀ:ରୁ ୧୪୬୭ ଖ୍ରୀ: ମଧ୍ୟରେ । ଏହି ସମୟ ମଧ୍ୟରେ କବିଙ୍କର କବିତ୍ୱର ଯଥାର୍ଥ ବିକାଶ ଘଟିଅଛି ।

ପଞ୍ଚଦଶ ଶତାବ୍ଦୀବେଳକୁ ଓଡ଼ିଆ ଭାଷା ଅନେକ ବିକଶିତ ଅବସ୍ଥାକୁ ଆସିଯାଇଥିବାର ଜଣାଯାଏ । ତା ନହେଲେ ମହାଭାରତ ପରି ବିରାଟ ଗ୍ରନ୍ଥ ରଚନା କରିବା ସାରଳାଦାସଙ୍କ ପକ୍ଷେ ସମ୍ଭବ ହୋଇ ନଥାନ୍ତା । ଓଡ଼ିଆ ଭାଷାର ବିକଶିତ ଅବସ୍ଥା ସମୟରେ କବିଙ୍କ ପ୍ରତିଭାର ଯଥାର୍ଥ ସ୍ଫୁରଣ ହେତୁ ଏପରି ବିରାଟ ଗ୍ରନ୍ଥ ସୃଷ୍ଟି ସମ୍ଭବ ହୋଇପାରିଲା । ସାରଳାଙ୍କ ମହାଭାରତ ଓଡ଼ିଆ ଭାଷାର କୋଣାର୍କ ମନ୍ଦିର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ଭାଷାର ବହୁ ବୈଚିତ୍ର୍ୟ ପରିଲକ୍ଷିତ ହୁଏ । ବିଶେଷ କରି ଲୌକିକ ଭାଷାରେ ଏପରି ଗ୍ରନ୍ଥ ସୃଷ୍ଟି ଭାରତରେ ଯେ କୌଣସି ସାହିତ୍ୟରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଥିପାଇଁ ଆଦି ଯୁଗରେ ଓଡ଼ିଆ ଭାଷାର ସାହିତ୍ୟିକ ସ୍ୱରୂପ ନିରୂପଣ ପାଇଁ ମହାଭାରତରୁ ଏକ ପ୍ରସଙ୍ଗ ନିଆଯାଇଛି । ଏହି ପ୍ରସଙ୍ଗଟି ମହାଭାରତର ମୂଷକୀ ପର୍ବର ''ନୀଳସୁନ୍ଦର ବର୍ଣ୍ଣନ ଓ ବଡଦେଉଳ ତୋଳାକଥା'' ରୂପେ ପରିଚିତ । ଶ୍ରୀଜଗନ୍ନାଥ ହେଉଛନ୍ତି ଏହି ପାଠରେ ଆରାଧ୍ୟ ଦେବତା । ସେଥିପାଇଁ ତାଙ୍କ ସମ୍ପର୍କୀୟ ଉପାଖ୍ୟାନକୁ ଆଲୋଚନା ପାଇଁ ନିଆଯାଇଛି ।

ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱରେ ପରିଚିତ । ସେ ପୁଣି ଓଡ଼ିଆଜାତିର ଚିରନମସ୍ୟ ଓ ଓଡ଼ିଆମାନଙ୍କର ଅତି ଆପଣାର । ଆର୍ଯ୍ୟ-ଅନାର୍ଯ୍ୟ, ବୌଦ୍ଧ, ଜୈନ, ଶୈବ, ଶାକ୍ତ, ପାଞ୍ଚରାତ୍ରିକ ବୈଷ୍ଣବ, ଶିଖ୍ ଓ ଯବନ ପ୍ରଭୃତି ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଆରାଧ୍ୟ ଦେବତା ରୂପେ ଜଗନ୍ନାଥ ପୂଜିତ । ସେ କୌଣସି ନିର୍ଦ୍ଦିଷ୍ଟ ଧର୍ମ ବା ସମ୍ପ୍ରଦାୟର ସଂକୀର୍ଣ୍ଣ ପରିସର ମଧ୍ୟରେ ଆବଦ୍ଧ ନୁହନ୍ତି । ଶ୍ରୀଜଗନ୍ନାଥଙ୍କର ମାହାତ୍ମ୍ୟ ପ୍ରକଟନ ପାଇଁ ବହୁ କାହାଣୀ ଓ କିମ୍ବଦନ୍ତୀ ରହିଛି । ତାଙ୍କର ମହିମା ସୁଦୂରପ୍ରସାରୀ । ଶ୍ରୀଜଗନ୍ନାଥ ପୁରୀର ସାଗର ତଟସ୍ଥ ନୀଳସୁନ୍ଦର ପର୍ବତରେ ବିରାଜମାନ । ତାଙ୍କର ଦେଉଳ ବଡଦେଉଳ ନାମରେ ଖ୍ୟାତ । ଏହି ନୀଳସୁନ୍ଦର ପର୍ବତ ଓ ବଡଦେଉଳ ନିର୍ମାଣ ସମ୍ପର୍କରେ ଅନେକ ରହସ୍ୟମୂଳକ କିମ୍ବଦନ୍ତୀ ରହିଛି । କବି ସାରଳାଦାସ ମହାଭାରତରେ ଏକ ସୁନ୍ଦରକାହାଣୀ ଉପସ୍ଥାପନା ପାଇଁ ଗୋଟିଏ କିମ୍ବଦନ୍ତୀ ଅବଲମ୍ବନ କରିଛନ୍ତି । ପରିବେଷଣ ଭଙ୍ଗୀ ଓ ଭାଷାର ଅପୂର୍ବ ସଂଯୋଜନାରେ ପ୍ରସଙ୍ଗଟି ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିବାରୁ ନିର୍ଦ୍ଦିଷ୍ଟ ପାଠ ପାଇଁ ଏହାକୁ ଗ୍ରହଣ କରାଯାଇଛି ।

ଅନ୍ୟପକ୍ଷରେ ଦୀର୍ଘ ଚାରିଶତ ବର୍ଷ ପରେ ଅର୍ଥାତ ଊନବିଂଶ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ଯେଉଁ ପରିବର୍ତ୍ତିତ ରୂପ ଲାଭ କରିଥିଲା ତାହାର ପରିଚୟ ପାଇଁ ଓଡ଼ିଆ ଭାଷାରେ ରଚିତ ଏକ ଆଧୁନିକ

କାବ୍ୟାଂଶକୁ ଗ୍ରହଣ କରାଯାଇଛି । ଏହି ସମୟକୁ ବୈଦେଶିକ ଶାସନ ଓ ବିଭିନ୍ନ ଧର୍ମ ପ୍ରଚାର ଦ୍ୱାରା ଓଡ଼ିଆ ଶବ୍ଦଭଣ୍ଡାର ବିପୁଳ ଆକାର ଧାରଣ କରିଛି । ଅର୍ଦ୍ଧତତ୍ସମ ତଦ୍ଭବ, ଦେଶଜ ଓ ବିଭିନ୍ନ ବୈଦେଶିକ ଶବ୍ଦର ସମ୍ମିଶ୍ରଣରେ ଓଡ଼ିଆ ଭାଷା ଏକ ଉନ୍ନତ ସୋପାନରେ ଅଧିଷ୍ଠିତ ହୋଇଅଛି । ଊନବିଂଶ ଶତାବ୍ଦୀରେ କାବ୍ୟକବିତା ସୃଷ୍ଟିରେ ଓଡ଼ିଆ ଭାଷାର ଯେଉଁ ବୈଚିତ୍ର୍ୟ ଫୁଟି ଉଠିଛି ତାହା ଦର୍ଶାଇବା ପାଇଁ ପ୍ରସଙ୍ଗ କ୍ରମେ ଏଠାରେ ଏ ଯୁଗର ଶ୍ରେଷ୍ଠ କବି ରାଧାନାଥ ରାୟଙ୍କର 'ଦରବାର' କାବ୍ୟରୁ ଏକ ଅଂଶ ନିଆଯାଇଛି । ଇଂରେଜ ଶାସନ କାଳରେ ଓଡ଼ିଶାରେ ନୂତନ ଶିକ୍ଷା ସଭ୍ୟତାର ପ୍ରଚଳନରେ ଯେଉଁ ନୂତନ ଜୀବନଯାପନ ଓ ରୁଚିବୋଧର ସୂତ୍ରପାତ ହେଲା, ସେ ସବୁର ସାରସ୍ୱତ ରୂପକାର ଥିଲେ କବି ରାଧାନାଥ । ଇଂରେଜ ଶାସନରେ ଓଡ଼ିଆ ଭାଷା ସାହିତ୍ୟ ଜାତୀୟ ଜୀବନ ଓ ସାମାଜିକ ଚଳଣିରେ ଅଭୂତପୂର୍ବ ପରିବର୍ତ୍ତନ ଦେଖାଦେଇଥିଲା । ଜାତୀୟ ଅଧଃପତନ ସାଙ୍ଗକୁ ଇଂରେଜ ଶାସନ ପ୍ରତି ଆନୁଗତ୍ୟ ପ୍ରକାଶ ଏ ଜାତିର ଐତିହ୍ୟ ଓ ସଂସ୍କୃତି ଉପରେ କୁଠାରଘାତ କରିଥିଲା । ଓଡ଼ିଆ ଜାତିର ଅତୀତ ଗୌରବ ଆଦର୍ଶ ପରମ୍ପରା ଓ ସାମାଜିକ ଜୀବନର ପୁନଃ ପ୍ରତିଷ୍ଠା ପାଇଁ କବିବର ରାଧାନାଥ ଆପ୍ରାଣ ଉଦ୍ୟମ କରିଥିଲେ । ସାହିତ୍ୟ ଜରିଆରେ ଏ ଦେଶର ମାନବିକ ଓ ସାମାଜିକ ସଂସ୍କାର ପାଇଁ ତାଙ୍କର ସାଧନା ବାସ୍ତବିକ ପ୍ରଶଂସନୀୟ । ସେ ଅତି ସୁନ୍ଦର ସରଳ ଓ ସାବଲୀଳ ଭଙ୍ଗୀରେ ତତ୍କାଳୀନ ନବ୍ୟସଭ୍ୟ ଶିକ୍ଷିତ ସମ୍ପ୍ରଦାୟର କୁଚରିତ୍ର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି କାବ୍ୟରେ ତୀବ୍ର ବିଦ୍ରୂପ କରିଛନ୍ତି । ଭାବ ସହିତ ଭାଷାର ମଧୁର ସମନ୍ୱୟ ଓ ପ୍ରକାଶ ଭଙ୍ଗୀର ଅପୂର୍ବ ମାଦକତାରେ ଦରବାର କାବ୍ୟ ଅତ୍ୟନ୍ତ ମନୋହର ହୋଇପାରିଛି । ଏଥିରେ ଜାତୀୟ ଗୌରବରେ ଗୌରବାନ୍ୱିତ ହୋଇ ନିଜର ମାନବିକ ମୂଲ୍ୟବୋଧର ପୁନଃ ପ୍ରତିଷ୍ଠା ପାଇଁ ଓଡ଼ିଆମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାର୍ଥପରତା, ପରଶ୍ରୀକାତରତା, ବିଦେଶୀ ଶାସନ ପ୍ରତି ଆନୁଗତ୍ୟ ପଦ ଓ ଉପାଧି ପ୍ରାପ୍ତିପାଇଁ ଲୋକମାନଙ୍କର ଲାଳସାକୁ ତୀବ୍ର ନିନ୍ଦା କରାଯାଇଛି । ଅନ୍ୟପକ୍ଷରେ ଆଧ୍ୟାତ୍ମିକ ଜ୍ଞାନ ସମ୍ପର୍କରେ ମନୁଷ୍ୟକୁ ସଚେତନ କରାଯାଇ ସେବା ଓ ତ୍ୟାଗର ମହତ୍ତ୍ୱ ପ୍ରତିପାଦନ କରାଯାଇଛି । ସର୍ବୋପରି କବିତାଟି ଅତ୍ୟନ୍ତ ମନୋଜ୍ଞ ଓ ମର୍ମସ୍ପର୍ଶୀ ହୋଇଅଛି ।

୧୮୪୮ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ବାଲେଶ୍ୱର ଜିଲ୍ଲାର କେଦାରପୁର ଗ୍ରାମରେ ରାଧାନାଥ ଜନ୍ମଗ୍ରହଣ କରିଥିଲେ । ଦୀର୍ଘ ଦିନ ଧରି ଓଡ଼ିଶାର ଶିକ୍ଷା ବିଭାଗରେ କାର୍ଯ୍ୟକରି ବିଭିନ୍ନ ଅଞ୍ଚଳ ପର୍ଯ୍ୟଟନ କରି ବିପୁଳ ଅନୁଭୂତି ଲାଭ କରିଥିଲେ । ଏହି ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟର ଦାରିଦ୍ର୍ୟ ଅନୁଭବ କରି ସେ ସାରସ୍ୱତ ସାଧନାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ଇଂରେଜୀ ଓ ସଂସ୍କୃତ ଭାଷା ସାହିତ୍ୟରେ ସେ ଗଭୀର ପାଣ୍ଡିତ୍ୟ ଅର୍ଜନ କରିବା ସଙ୍ଗେ ସଙ୍ଗେ ନିଜର ପ୍ରତିଭା ବଳରେ ଓଡ଼ିଆ ଭାଷାସାହିତ୍ୟକୁ ନୂତନ ମାର୍ଗ ପ୍ରଦର୍ଶନ କରାଇଥିଲେ । ବିଦେଶୀ କଥାବସ୍ତୁର ଆହରଣ ପୂର୍ବକ ନିଜ ଭାଷା ଓ ସଂସ୍କୃତି ସହିତ ସେଗୁଡ଼ିକର ଯଥାର୍ଥ ଆରୋପଣ ଓ ପୁରାତନ ସାହିତ୍ୟିକ ପରମ୍ପରାକୁ ପରିହାର କରି ନୂତନର ପ୍ରବର୍ତ୍ତନ କରିବା ଥିଲା ତାଙ୍କ ସୃଷ୍ଟିର ଆଭିମୁଖ୍ୟ । ଊନବିଂଶ ଶତାବ୍ଦୀର ଶେଷ ପଚିଶବର୍ଷ ମଧ୍ୟରେ ଯେଉଁ ନୂତନ ସାହିତ୍ୟର ଅଭ୍ୟୁଦୟ ଘଟିଥିଲା ସେହି ସାହିତ୍ୟର ପ୍ରବର୍ତ୍ତକ ଥିଲେ କବିବର ରାଧାନାଥ । କାବ୍ୟକବିତାରେ ନୂତନ ଶବ୍ଦ ସଂଯୋଜନା, ଭାବଗ୍ରହଣରେ ନୂତନତା, ଛନ୍ଦର ଯତିପାତରେ ଗୁରୁତ୍ୱ, ଅଳଙ୍କାର ବୈଚିତ୍ର୍ୟର ପରିହାର, ରସ ଆସ୍ୱାଦନରେ ସାବଲୀଳତା, ପ୍ରକୃତି ଚିତ୍ରଣରେ ନୂତନତା, ଜାତି ଓ ଦେଶର ଜୟଗାନ ଏବଂ ସମାଜ ସଂସ୍କାର ପ୍ରଭୃତିର କଳାଗତ ରୂପାୟଣ ଓଡ଼ିଆ ସାହିତ୍ୟକୁ ଏକ ନବଦିଗନ୍ତର ସନ୍ଧାନ ଦେଇଥିଲା । ଏହିସବୁ ଉପାଦାନକୁ ଭିତ୍ତିକରି ତାଙ୍କ ଲେଖନୀରୁ ପ୍ରକାଶ ପାଇଥିଲା କେଦାରଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶରୀ ଉଷା, ପାର୍ବତୀ, ଯଯାତିକେଶରୀ, ଚିଲିକା, ମହାଯାତ୍ରା, ଦରବାର ଓ ବହୁ କବିତା । ଏଥିମଧ୍ୟରୁ ତାଙ୍କର ଦରବାର କାବ୍ୟଟି ୧୮୯୭ ମସିହାରୁ କ୍ରମଶଃ ପ୍ରକାଶ ପାଇଥିଲା । ଇଂରେଜ ଶାସନ କାଳରେ କଟକ ବାରବାଟୀଠାରେ ତା ୨୯ । ୮ । ୧୮୯୪ରେ ଅନୁଷ୍ଠିତ ଦରବାରକୁ ଲକ୍ଷ୍ୟକରି ରାଧାନାଥ ଏହା ରଚନା କରିଥିଲେ । ଏଥିରେ ଧନିକ, ତୋଷାମୋଦୀ ଓ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନଙ୍କର ପଦଲାଳସା ଓ ଅହମିକା ପ୍ରତି ବ୍ୟଙ୍ଗ କରାଯାଇଛି । ଦରବାରକୁ ଆସୁଥିବା ରାଜା ମହାରାଜା, ଜମିଦାର ଓ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀମାନଙ୍କର ପଦବୀ ଓ ଉପଢୌକନ ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦିତା ଓ କଳହର ତୀବ୍ର ନିନ୍ଦା କରାଯାଇଛି । ସେମାନଙ୍କର ଗର୍ବ ଅହଙ୍କାରକୁ ରାଧାନାଥ ବିଦ୍ରୂପ କରିଛନ୍ତି । ସମସାମୟିକ ଚିତ୍ତବୃତ୍ତିର ଟିକିନିଖି କାର୍ଯ୍ୟକଳାପକୁ ଅତି ଜୀବନ୍ତ ଭାବରେ ମଧ୍ୟ କାବ୍ୟରେ ରୂପାୟଣ କରିଛନ୍ତି । ସାମାନ୍ୟ ପଦମର୍ଯ୍ୟାଦା ଓ ପ୍ରତିପତ୍ତି ପାଇଁ ମନୁଷ୍ୟ ଅନ୍ୟପକ୍ଷରେ କିପରି ନିଜର ପରମ୍ପରା, ଆଦର୍ଶ, ସଭ୍ୟତା, ସଂସ୍କୃତି ଓ ମାନବିକତାକୁ ଜଳାଞ୍ଜଳି ଦେଇପାରେ, ତାହାର ସ୍ପଷ୍ଟ ଚିତ୍ର ଅଙ୍କିତ ହୋଇଛି ଦରବାର କାବ୍ୟରେ । ସେଥିପାଇଁ ଦରବାର କାବ୍ୟର ଏକ ଅଂଶକୁ ପାଠରୂପେ ଗ୍ରହଣ କରାଯାଇଛି ।

**ସହାୟକ ଗ୍ରନ୍ଥସୂଚୀ—**


୧. ଆଦିପର୍ବ—ସୁରେନ୍ଦ୍ର ମହାନ୍ତି

୨. ଓଡ଼ିଆ ସାହିତ୍ୟର ଇତିହାସ—ପଠାଣି ପଟ୍ଟନାୟକ

## ୧୬.୨ ମୂଳପାଠର ପ୍ରଥମଭାଗ

### (ନୀଳ ସୁନ୍ଦର ବର୍ଣ୍ଣନ ଓ ବଡ଼ ଦେଉଳ ତୋଳା କଥା)

ଯେଥୁ ଅନନ୍ତରେ ବିଳଙ୍କ ଦେଶର ରାୟେ
ଅଗସ୍ତିଙ୍କ ପାଦ ପଦ୍ମେ ଦିବ୍ୟପୂଜା କଏ ।

ତବମୁଖୁଁ ଶୁଣିଲି ମୁଁ ଶ୍ରୀବିଷ୍ଣୁ ପୁରାଣ
ଯେବଣ ସାଙ୍ଗକୁ ମୁକତି କାରଣ ।

ଆବର କଥାଏ ମୋତେ କହିବା ତପୋବନ୍ତ
କୃଷ୍ଣର ପିଣ୍ଡ ଯେ ଜଳେ ମେଲାଇଲା ପାର୍ଥ ।

ସେ ପିଣ୍ଡ ଜାରା ଶବର କରରୁ ଯେ ରକ୍ଷା
କିମ୍ଭୂତ ହୋଇଲା ଦେବ କହିବା ବ୍ରହ୍ମବଛା ।

କଥୟନ୍ତି ଅଗସ୍ତି ଶୁଣ ହୋ ମନୁରାୟେ
ଶ୍ରୀକୃଷ୍ଣର ଶାପେ ଗାଲବ ବଂଶ ଗଲା କ୍ଷୟେ ।

ବିରାଟର ନନ୍ଦନ ଯେ ଉତ୍ତର କୁମର
ତାହାର ନନ୍ଦନ ମଧୁ ଯେ କେଶର ।

ମଧୁ କେଶର ପୁତ୍ର ଇନ୍ଦ୍ରଦୁମନ ବୀର
ବଡ଼ାଇ ଧାର୍ମିକ ସେ' ଯେ ଅଟଇ ନୃପବର ।

ଯେକ ଦିନେ ପାତ୍ରମନ୍ତ୍ରୀ ଘେନିଣ ନୃପତି
ଦିଗବିଜେ କରି ମିଳିଲା ଯମନିକ ତୀର୍ଥକତି ।

ପୁରାଣ ବାଣୀ ତାକୁ କହନ୍ତି, ଶୁକମୁନି
କହିଲେକ ଗାଲ ମାଧବ ଯେ ଧନି ଧନି ।

ନୀଳସୁନ୍ଦର ପର୍ବତ ଯେ ଯମନିକ ତୀର୍ଥ
ଯେଥେ ବିଜେ କରିବେ ସେ ଅବଶ୍ୟ ଜଗନ୍ନାଥ ।

ଶୁଣିଣ ପର୍ବତ ଉପରେ ଉଠିଲେକ ମହାନୃପ
ଯେଥି ଦେଉଳ ତୋଳାଇବି ବୋଲି କଲାକ ସଙ୍କଳ୍ପ ।

ଶୁଣ ହୋ ରାଜନ ସିଦ୍ଧି ଅନୁକୂଳ ମନ୍ତ୍ରୀ କହିଲା
ଲକ୍ଷେ ଯୋଜନ ପର୍ବତ ଉଚ୍ଛର୍ଗ ହୋଇଲା ।

ବିରଞ୍ଚିର ରଥଯେ ଆକାଶେ ଗମନ୍ତେ
ଟାପୁବାଜି ଅଶ୍ୱେ ହୁଡି ପଡିଲେକେ ଯେଥେ ।

ଆଦିତ୍ୟ ବୋଇଲେ ଶୁଣ ତୁ ନୀଳସୁନ୍ଦର ପର୍ବତ
ସୟଳ ମେଳ ଛାଡ଼ି ତୁ କିମ୍ପାଇ ରହିଲୁ ଯେଥ ।

ନୀଳସୁନ୍ଦର ପର୍ବତ କହଇ ଭାସ୍କର ଦେବତାର ଆଗେ
ମୁନିବ୍ରତ ବୋଲାଇ ଯେକଇ ସତ୍ୟଯୁଗେ ।

ସୁବଳୟା ଗିରି ନାମେ ଲଙ୍କାରେଣ ତ୍ରେତୟା ଯୁଗେଣ
ରୁଦ୍ର ପ୍ରଭୁ ବୋଲି କରି ହୋଇଲା ଯେକଇ ରାବଣ ।

ସହସ୍ରେକ ଶିର ତାର ବିରଞ୍ଚି ବରେଣ
ସତ୍ୟ ଯୁଗେଣ ସେହୁ ରାଜ୍ୟ କରୁଥିଲେ ସୁଖେଣ ।

ସେହୁ ରାଜ୍ୟ ସତ୍ୟଯୁଗେଣ କରୁଥିଲା
ତ୍ରେତୟା ଯୁଗରୁ ସେ ସମୟେକ ଭୋଗ କଲା ।

କାମେ ଦରି ନେଲା ସେ ଜନେକ ଝିଅ ସୀତା
ବିକ୍ଷମ କୃତ୍ୟ ସେ ରାମର ଅଟଇ ବନିତା ।

ଅଞ୍ଜନ ବନରେ ସେ ରହିଲେ ଶ୍ରୀରାମ
ହରିବଳ ସାଖା ଘେନି ଲଙ୍କାକୁ କଲେକ ଗମନ ।

ସମୁଦ୍ର ବନ୍ଧ ବାନ୍ଧି ଗଲେ ସେ ଲଙ୍କାକୁ
ପର୍ବତ ବହି ବାନରେ ଆଣିଲେ ଯେକ ଠାବକୁ ।

ଅପାର ବନ୍ଦର ଆଣି ରୁଣ୍ଡ କଲେ
ରଘୁ ନନ୍ଦନ ନୀଳସୁନ୍ଦର ନୀଳଗିରି ଦୁଇ ପର୍ବତ ବାଛିଲେ ।

ବଇକୁଣ୍ଠକୁ ସମାନ ଯେ ଦୁଇପର୍ବତ ହୋଇଲେ
ଶରଧା କରି ବେନି ପର୍ବତ ସେ ରଖିଲେ ।

ସେତୁ ବନ୍ଧ ବାନ୍ଧିଲେ ସୁବଳୟା ସଳଖେ
ବନ୍ଧେ ଚଢ଼ିଯାଇ ସମର କଲେ ଲଙ୍କେ ।

ମୋହୋର ଉପରେ ଯେ ଶ୍ରୀରାମ ଥିଲେ ବସି
ହନୁମନ୍ତ କାନ୍ଧରେ ଶ୍ରୀରାମ ବସିଲେ ଆକ୍ରୋଷି ।

ନୀଳଗିରି ପର୍ବତ ମୋହୋରି ସଙ୍ଗେ ଥିଲା
ତାହାର ଉପରକୁ ହନୁମନ୍ତ ଡେଇଁ ଗଲା ।

ହନୁମନ୍ତର ପାଦଭାର ସେ ସହି ନୁଆରିଲା
ପାତାଳେ ପଶିଣ ସେ ଗୋପ୍ୟାନ ହୋଇଲା ।

ଶୁଣିଲେଟି କି ଇନ୍ଦ୍ରଦୁମନ ସିନ୍ଧ ଅନକୂଳ ମନ୍ତ୍ରୀ କହିଲା
ସେ ନୀଳପର୍ବତଟି ଯେ ଦ୍ୱାରିକା ହୋଇଲା ।

ସୁନ୍ଦର ପର୍ବତ ଯେ ବଡ଼ାଇ ଉତ୍ସର୍ଗ
ଆଦିତ୍ୟ ବୋଇଲେ ତୁ ତ ହୋଇଲୁ ବଡାଇ ଅମାର୍ଗ ।

କୋପେତା ଶାପ ବିହିଲେ କରଣର
ଭୀମର ହାଥେ ତୁ ହୋଇବୁ ଅପହାର ।

ସତ୍ୟଯୁଗେ ଯେ ସୁନ୍ଦର ପର୍ବତ ଲକ୍ଷେକ ଯୋଜନ
ଆଦିତ୍ୟର ଭୟେ ବପୁ ହୋୟେ କ୍ଷୀନ ।

ତେତ୍ରୟା ଯୁଗେ ଯେ ଅହି ବ୍ରତେକ ଯୋଜନ ଉଚ୍ଚ
ଦ୍ୱାପର ଯୁଗେ ଅଷ୍ଟଉତ୍ତର ଶତେ ଯୋଜନ ସଞ୍ଚ ।

ଅଷ୍ଟବକ୍ର ଋଷିଶାପେ ଲୋହାର କପୋର
ଯେହାର ଉପରେ ଲୋହାର କପୋର ସେ ଘାରିଲା ଭୀମ ବୀର ।

ଘୋରନ୍ତେ ଛିଡ଼ିଲା ସେ ପର୍ବତ ଆୟତନ
କ୍ଷୁଦ୍ର ଖଣ୍ଡିଯେ ରହିଲା ଫିଙ୍ଗି ଦିଲାକ ଭୀମସେନ ।

ମୀନ ଗିଳିଲା, ସେ ମୀନ ନେଲା କଇବର୍ତ୍ତ ଧରି
ଜାର ଶବରକୁ ମାଛ ଦିଲା ପ୍ରୀତି କରି ।

ମାଛ କାଟନ୍ତେ କିସର ଯେ ଲୁହାଖଣ୍ଡ ପାଇଲା
ଜାରନାମେ ଶବର ତାହା ନାରଜ ଗଢ଼ାଇଲା ।

ତାହା ଘେନି ବିନ୍ଧିଲା ସେ କୃଷ୍ଣ ଦେବତାଙ୍କୁ
ଅର୍ଜୁନ ଦହନକଲା ନେଇ ପିଣ୍ଡକୁ ।

ନ ପୋଡ଼ି ଅର୍ଜୁନ ବୋଲି ଶୁଭିଲା ସ୍ୱର୍ଗବାଣୀ
କୋଳକରି ନେଇ ପକାଇଲା ସିନ୍ଧୁପାଣି ।

ସେ ପିଣ୍ଡ କଳିଯୁଗରେ ହୋଇବ ହାଦେ ପୂଜା
ଶୁଣି ବିସରିଲା ଇନ୍ଦ୍ରଦୁମନ ମହାରାଜା ।

ମୁହିଁ ତାହା ଲୋଡ଼ି ପାଇବି କି ମନ୍ତ୍ରୀ
ଦେଉଳ ତୋଳାଇବି ବିଷ୍ଣୁନାଥଙ୍କୁ ଭଗତି ।

ସିନ୍ଧ ଅନୁକୂଳ ମନ୍ତ୍ରୀ ବୋଇଲା ଲୋଡ଼ିଲେ ପାଇବାକୁ ପିଣ୍ଡ
ଦେଉଳକୁ ସଂକଳ୍ପ କଲା ନୃପତି ମାରତଣ୍ଡ ।

ନୀଳ କଳପବଟ ତଳେ ଝଳଇ ରୟେ ବସି
ଅଦଭୁତେ ବିଦ୍ଧାଣି ଯେକ ଦ୍ରଶନ କଲାକ ଆସି ।

କରପତ୍ର ଯୋଡ଼ି କରି ବୋଲଇ ବିଦ୍ଧାଣି
ମୁହିଁ ନିର୍ବାଣ କରିବି ରାଜା ତୋହୋରି କୀର୍ତ୍ତିଗୋଟି ପୁଣି ।

ଶୁଣିଣ ହରଷ ଯେ ହୋଇଲା ମହାରାଜା
ବିଧାଣିକି ଅନେକମତେ କଲାକ ସେ ପୂଜା ।

ତୁଳମାସ କୃଷ୍ଣପକ୍ଷ ଚଉଠୀର ତିଥି
ରୋହିଣୀ ନକ୍ଷତ୍ର ଗୁରୁବାର ଯେ ପାହାନ୍ତି ।

ତଉଲ୍ୟ ନାମେ କରଣ ହୋୟେ ସିଦ୍ଧ ନାମେ ଯୋଗ
ତାରଚନ୍ଦ୍ର ବେଳ ଯେ ରୋହେଣୀ ଘରେ ଭୋଗ ।

ବିଶ୍ୱାବସୁ ବୋଲିଣ ୟେକ ଦ୍ୱିଜବରଇ
ସେ ଯାଇଁ ଦେଉଳକୁ ଶୁଭ ଅନକୂଳ କରଇ ।

ୟେକାନ୍ଧର ବନୁଁ ପାଷାଣନ୍ତ କାଟି
ଦେଉଳ ତୋଳାଇଲା ବିଷ୍ଣୁଦାସ ଶିଳା ପିଟି ।

ତିନିତାଳ ଅୟେତନ ତିନିତାଳ ଦୀର୍ଘ
ସିଦ୍ଧ ପାଷାଣର ତହିଁ ନୀଳଗୀତ କଲା ସଲାଘ ।

ୟେ ବିଧିରେ ଦେଉଳକୁ ସର୍ଜନା କଲା ରାୟେ
ଯମେଶ୍ୱର ଦେବତାଠାରେ ଜାଷ୍ଟାକରି ଶୋୟେ ।

ଚଉବିଂଶ ବରଷ ନିରାଶ ଉପବାସେ
ଶୁତିଲେ ଇନ୍ଦ୍ରଦୁମନ ଯମନିକ ଆଦେଶେ ।

କଠୋର ଦେଖିତା ସେ ବିଜୟେ ମହାଲିଙ୍ଗ
ରାଜାହୋଇ କିମ୍ପା ପୀଡ଼ା ଦିଲୁ ଅଙ୍ଗ ।

ଇନ୍ଦ୍ରଦୁମନ ରାଜା ପଡିଣ ପରିଣାମି
ଶୂନ୍ୟ ଶବଦ ଶୁଭଇ କେତି ଦେବସ୍ୱାମୀ ।

ଅହୋ ଇନ୍ଦ୍ରଦୁମନ ରାଜାୟେ ଆଦି ଯମନିକ ତୀର୍ଥ
ଜନମାନେ ହତ୍ୟାଦୋଷ ବିମୋଚନ କରନ୍ତି ୟେଥ ।

ଚଉରାଶି କୋଟି ଜୀବଜନ୍ତୁ ଯମ ନାଶ କରଇ
ଯମେଶ୍ୱର ଦ୍ରଶନେ ସକଳ ପାପନ୍ତ ହରଇ ।

ଅବଦକେ ମକରମାସ ଶ୍ରବଣା ଦିନଈଁ
ସେ ଦିନ ଯମ ଦେବତା ୟେଥକୁ ଆସଇ ।

ତାହାର ଦୋଷ ପାତକ କ୍ଷୟ କରଇ ୟେଥ
ଶିବ ଗଙ୍ଗା ଦ୍ରଶନେ ହୋଅଇ ମୁକତ ।

ସର୍ବ ନାଶନ ବୋଲି ଯମର ଲେଖନକାରୀ
ସେହି ରହିଥାଇ ୟେ ଯମନିକ ତୀର୍ଥ ପୁରୀ ।

ଯେତେ ଲୋକ ଆସି ୟେ ତୀର୍ଥ କରନ୍ତି ରହି
ଲେଖନ କରି ଯମ ପାଖରେ ସମସ୍ତ କହଇ ।

ନାନା ପାତକ କରୁଥାଇ ଯେ ଗ୍ୟାନେ ବା ଅଗ୍ୟାନେ
ଯମ ତାକୁ ଶାସ୍ତି ଦେଇ ନୁଆରଇ ଆନେ ।

ଆମ୍ଭେ ସେ ଯମନିକ ତୀର୍ଥର ଆଧିପତି
ଦେଖିଲୁ କୀର୍ତ୍ତି ତୋହୋର ଉଠ ହୋ ନରପତି ।

ଶୁଣି ଇନ୍ଦ୍ରଦୁମନ ନମଇ ଶତେବାର
କୃତ କୃତ ହୋଇ ସେ କହଇ ଉତ୍ତର ।

ସ୍ୱାମୀ ମୁହିଁ ଯେ ତୋଳାଇଲି ପ୍ରାସାଦ ଗୋଟିୟେ
ବିଜେ କରିବେ ୟେଥେ କେବଣ ଦେବତାୟେ ।

ତହିଁ କି କରିବା ମୋତେ ତୁକୁ କରଇ ସେବା
କେବଣ ଦେବତାୟେ ୟେଥେ ବିଜେ କରାଇବା ଆଜ୍ଞା ମୋତେ ଦେବା ।

ଯମେଶ୍ୱର ବୋଇଲେ ତୋହୋର ଉତ୍ତମ ମହିମା
ଉତ୍ତର ଦିଗେ ଅଛନ୍ତି ମାରକଣ୍ଡ ବ୍ରହ୍ମା ।

ଆମ୍ଭର ଆଜ୍ଞାରେ ସେ କ୍ଷେତ୍ରରେ ବିହରି
ସୃଷ୍ଟି କରତା ସେ କାଳେଣ ଅଧିକାରୀ ।

ତାହାର ଇନ୍ଦ୍ରଦ୍ୟୁମନ କରଯାଇ ପୁଚ୍ଛା
ସେ ତୋତେ କହିବେଟି ଯେବଣ ହିଁ ଦୀକ୍ଷା ।

### ୧୬.୨.୧ ମୂଳପାଠର ପ୍ରଥମଭାଗ ଉପରେ ପ୍ରଶ୍ନାବଳୀ

୧. ଭାବ ସମ୍ପ୍ରସାରଣ କରନ୍ତୁ—

"ନ ପୋତ ଅର୍ଜୁନ ବୋଲି ଶୁଭିଲା ସ୍ୱର୍ଗବାଣୀ"

୨. ପାଞ୍ଚୋଟି ବାକ୍ୟରେ ଉତ୍ତର ଦିଅନ୍ତୁ—

(କ) ଇନ୍ଦ୍ରଦ୍ୟୁମନ ପରମେଶ୍ୱରଙ୍କଠାରୁ କି ନିର୍ଦ୍ଦେଶ ପାଇଥିଲା ?

(ଖ) ଇନ୍ଦ୍ରଦ୍ୟୁମନ କାହାଠାରୁ କି କଥା ଶୁଣି ଦେଉଳ ତୋଳାଇବା ସଙ୍କଳ୍ପ କଲେ !

### ୧୬.୨.୨ ମୂଳପାଠର ପ୍ରଥମଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

କାର୍ଯ୍ୟ ସାଧନକୁ କ୍ରିୟା କୁହାଯାଏ । ଏହାର ମୂଳଅଂଶକୁ ଧାତୁ କୁହାଯାଏ । ତେଣୁ ଧାତୁର ଅର୍ଥ ସୂଚକ ପଦ ହେଉଛି କ୍ରିୟା ଯେପରି,ହସ୍ ଧାତୁରୁ 'ହସିବା', କର ଧାତୁରୁ 'କରିବା' । ବାକ୍ୟରେ ଏହା ସମାପିକା ଓ ଅସମାପିକା ଭାବରେ ବ୍ୟବହୃତ ହୋଇଥାଏ ।

ଯେଉଁ କ୍ରିୟାପଦର ବ୍ୟବହାର ଦ୍ୱାରା ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ଭାବେ ପ୍ରକାଶ ପାଏ ଏବଂ କ୍ରିୟାର ଆକାଙ୍କ୍ଷା ରହେ ନାହିଁ, ତାହାକୁ ସମାପିକା କ୍ରିୟା ଏବଂ ଅନ୍ୟପକ୍ଷରେ ଅର୍ଥ ସମ୍ପୂର୍ଣ୍ଣ ପ୍ରକାଶ ନପାଇ ଅନ୍ୟ କ୍ରିୟାର ଅପେକ୍ଷା ରହିଲେ ତାହାକୁ ଅସମାପିକା କ୍ରିୟା କୁହାଯାଏ ।

୧. ନିମ୍ନଲିଖିତ ବାକ୍ୟରେ (ରେଖା ଚିହ୍ନିତ) ବ୍ୟବହୃତ କ୍ରିୟାପଦକୁ ଚିହ୍ନାଇ ଦିଅନ୍ତୁ—

(କ) ଲକ୍ଷେ ଯୋଜନ ପର୍ବତ ଉତ୍ସର୍ଗ ହୋଇଲା ।

(ଖ) ସୁନିବୃତ ବୋଲାଇ ଯେକଇ ସତ୍ୟ ଯୁଗେ ।

ଶବ୍ଦ ଗଠନ ପାଇଁ ଧାତୁରେ କୃତ୍ ପ୍ରତ୍ୟୟ ଦ୍ୱାରା ଯେଉଁ ଶବ୍ଦ ଗଠନ କରାଯାଏ ତାହାକୁ କୃଦନ୍ତ ପଦ କୁହାଯାଏ । ସେହିପରି ଶବ୍ଦମାନଙ୍କରେ ପ୍ରତ୍ୟୟ ଯୋଗ କରାଯାଇ ବ୍ୟବହୃତ ହେଲେ ତାହାକୁ ତଦ୍ଧିତ କହନ୍ତି ।

୨. ନିମ୍ନରେ ପ୍ରଦତ୍ତ ତଦ୍ଧିତ ଓ କୃଦନ୍ତ ପଦଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ—

ବିଜ୍ଞାଣି, ଧାର୍ମିକ, ରାଜକୀୟ, ତ୍ୟାଗ, ପୁଚ୍ଛା ।

---

## ୧୬.୩ ମୂଳପାଠର ଦ୍ୱିତୀୟଭାଗ

---

### ରାଧାନାଥ ରାୟଙ୍କ 'ଦରବାର'ରୁ ଗୃହୀତ

ଉତ୍କଳର ପୂର୍ବକୀର୍ତ୍ତି-ସ୍ମୃତି-ପୂତ
ବାରବାଟୀ ଆଜ ସାଜେ ସଜୀଭୂତ ।

ଐତିହାସିକ ଏ ଦୁର୍ଗ ବାରବାଟୀ
ବୀର ରକ୍ତପିଣ୍ଡେ ଗଢ଼ା ଯାର ମାଟି ।

ବାରବାଟୀ ଯହିଁ ମନଃ ସ୍ମୃତି-ପୋତେ
ବାହିଯାଏ ପ୍ରତିଲୋମେ କାଳସ୍ରୋତେ ।

କାଳେ କାଳେ କେତେ ଦେଖି ଯେ ଆସିଲା
ନଶ୍ୱର ନରର ଗରିମାର ଲୀଳା ।

ପୁଣି ନୂଆ ଲୀଳା ଲାଗିଛି ଏଠାରେ
ପୁଣି ମର ନରେ ନଶ୍ୱର ବ୍ୟାପାରେ ।

ପୁଣି ଦେଖ ଆଜ ଗରିମାର ଘଟା
ଲୁଚି ବସି କାଳ କରେ ଯାକୁ ଅଟ୍ଟା ।

ଦେଖିବାକୁ ଏହି ରାଜସ ଉତ୍ସବ
ରୁଣ୍ଡ ଦୁର୍ଗାଙ୍ଗନେ ଅସଂଖ୍ୟ ମାନବ ।

କାଞ୍ଚୀ-ଅଭିଯାନେ ଯେ ଦୁର୍ଗ-ପ୍ରାଚୀର
ବାଦ୍ୟନାଦେ ଦେଉଥିଲା ପ୍ରତିଗିର ।

ଜରାଜୀର୍ଣ୍ଣ ବେଶେ ଦେଖଇ ସେ ଆଜ
ନବ୍ୟ-ଉତ୍କଳର ଏ ସଭ୍ୟ ସମାଜ ।

ପୂର୍ବ ନରପତି-ପ୍ରେତ-ଆତ୍ମାମାନ
ବ୍ୟୋମେ ବ୍ୟୋମଯାନେ ହୋଇ ଅଧିଷ୍ଠାନ

ଦେଖନ୍ତି ସଖେଃ ତାଙ୍କର ଦୁର୍ଜ୍ଜୟ
ଉତ୍କଳର ଏହି ଦଶା ବିପର୍ଯ୍ୟୟ ।

ଏହି ଶିଳାବନ୍ଧ ଯାଙ୍କର କୀରତି
ପୁଣ୍ୟଶ୍ଳୋକ ମରକତ ମହୀପତି ।

ଦେଖୁ ନାହାନ୍ତି କି ମନେ ବହି ଲାଜ
କି ଥିଲା ଏ ରାଜ୍ୟ, କି ହୋଇଛି ଆଜ ।

ଇନ୍ଦ୍ରନୀଳ-ଶିର ତୋଳି ନଭଃସ୍ଥଳେ
ଏ ଦୃଶ୍ୟ ଦେଖନ୍ତି ଶାଶ୍ୱତ ଅଚଳେ ।

ମଞ୍ଜରମା-କାଞ୍ଚୀଜେମା-ସ୍ନାନେ ପୂତା
କାଞ୍ଚୀ-ଜେମା-ବେଣୀ ପ୍ରଚ-ବେଣୀଯୁତା ।

ବୃଷଦ୍‌ବତୀ ରୂପେ ଜର୍ଜ୍ଜର ମୁଖର
ସୈକତନୀ ରୂପେ ନୀଳନୀରାମ୍ବର ।

ଠାବେ ଠାବେ ଦ୍ୱୀପ-ଶୈଳ-ଦୀପଦଣ୍ଡୀ
ପୁଞ୍ଜେବକ୍ଷ ଯାର ହୋଇଅଛି ମଣ୍ଡି ।

ପ୍ରବାହ-ବିହାରି-ଅରଣ୍ୟ-ଦନ୍ତୀର
ମଦେ ଚନ୍ଦ୍ରକିତ ଯାର ନୀଳ ନୀର ।

ଅଗ୍ରେ ସେହି ନଦୀ ବହୁଅଛି ରଙ୍ଗେ
ଏ ରଙ୍ଗ ନିରେଖି ତରଙ୍ଗ-ଭ୍ରୂଭଙ୍ଗେ ।

ଏକ ପରେ ଏକ ରାଜା, ମହାରାଜା
ଆସନ୍ତି ବଜାଇ ନାନାରଙ୍ଗେ ବାଜା ।

ଉଡଇ ପତାକା, ଝଟକଇ ତାସ
ଗାଏକ—କୁହାଟେ ମନେ ଲାଗେ ତ୍ରାସ ।

ଯାନ ବାହାନରେ ଲାଗିଅଛି ଧୂମ୍
ପଡୁଅଛି ତୋପ ଗୁଡୁମ୍ ଗୁଡୁମ୍ ।

ଚନ୍ଦ୍ରାତପ ତଳେ ବିରାଜଇ ମଞ୍ଚ
ମହାର୍ହ ବସନ-ଭୂଷଣେ ସମଞ୍ଚ ।

ସଭାସ୍ଥଳୀ ପତ୍ରେ ହୋଇଛି ମଣ୍ଡନ
ଅଗ୍ରେ ଧାଡ଼ି ଧାଡ଼ି ରାଜେ ବେତ୍ରାସନ ।

ନୀରବେ ଗରବେ ପ୍ରହରୀ ମାଳିକା
ଦେଖାନ୍ତି ଭାସ୍ୱର-ଅସ୍ତ୍ର-ବିଭୀଷିକା ।

ଉପାଧି-ଜଡ଼ିତେ ଉପାଧି-ଜଡ଼ିତ
ଉପାଧିରେ ଆଜ କରିବେ ଜଡ଼ିତ ।

ପଦଟିଏ ଦେବେ କର୍ଣ୍ଣ-ରସାୟନ
ପଦ ଅନୁରୂପେ ବସନ, ଭୂଷଣ ।

ଜଙ୍ଗ-ଭକ୍ଷ୍ୟ କ୍ଷୟଶୀଳ ତଲବାର
ପୋଷାକ ଚୁଟିଆ ମୂଷାର ଆହାର ।

ମୋତିମାଳ ଅସ୍ଥି-ବିକାର କେବଳ
ଝଲକା ନୟନେ ଦିଶେ ଯା ଉଜ୍ଜ୍ୱଳ ।

ଶିର-ପେଞ୍ଚ ଯାହା କିଛି ଦିନ ଅନ୍ତେ
ତରଳେ କରକା ପ୍ରାୟେ କାଳଦନ୍ତେ ।

ପଦାର୍ଥ-ସମ୍ପର୍କ ଶୂନ୍ୟ ନୂଆ ପଦ
ସଙ୍ଗେ ମିଳିବ ଏ ନୂଆ ପରିଚ୍ଛଦ ।

ଏହି ଛାର ଏହି ଅକିଞ୍ଚିତ୍କର
ସମ୍ମାନ ସକାଶେ ଏତେ ବ୍ୟସ୍ତ ନର ।

ହା ଧିକ ! ଏତୁକ୍‌ସାର ପଦପାଇଁ
ଦେଉଛନ୍ତି ଲୋକେ ସମ୍ପଦ ଉଡ଼ାଇ ।

ଏଥିପାଇଁ ଲୋକେ ଦିଅନ୍ତି କି ଭଳି
ମନୁଷ୍ୟତା ହୀନ-ସେବା-ପୀଠେ ବଳି ।

ଉପାଧି-ଲାଲସା-ରୂପୀ ମହାବ୍ୟାଧି
ହୋଇଛି ସାତ୍ତ୍ୱିକ ଧରମର ବାଦୀ ।

ଅସାର ଝଟକ ହୋଇଅଛି ସାର
ଭଣ୍ଡତାର ବଢ଼ି ଯାଇଛି ପ୍ରସାର ।

କରୁଛନ୍ତି ଲୋକେ ଉପାଧି-ଆଶାରେ
ମନୁଷ୍ୟର ପୂଜା ଷୋଡ଼ଶୋପଚାରେ ।

ମନୁଷ୍ୟ ତୋଷିବା ପାଇଁ ସହି କଷ୍ଟ
ମନୁଷ୍ୟ-ପଣରୁ ହେଉଛନ୍ତି ଭ୍ରଷ୍ଟ ।

ପଦପାଇଁ ଲୋକେ ହୋଇ ଲାଳାୟିତ
ତୋଷିବାକୁ ବ୍ୟସ୍ତ ମନୁଷ୍ୟର ଚିତ୍ତ ।

ଭ୍ରମନ୍ତି ମନୁଷ୍ୟ-ପାଦ ଅନୁସରି
ସେହି ମନୁଷ୍ୟର ପୋଷା ଶ୍ୱାନପରି ।

ମନୁଷ୍ୟର ସ୍ମିତ, ମନୁଷ୍ୟ-ଭ୍ରୂକୁଟୀ
ହୋଇଛି ଜୀବନ ମରଣର ବୁଟୀ ।

ମାନୁଷୀ-ଅର୍ଚ୍ଚନା ଲାଗି ଅଗଣନ
ରଚନ୍ତି ଯତନେ ପୁଷ୍ପ-ଉପବନ ।

ଦେବୀ ପାଇଁ ତହୁଁ ପୁଷ୍ପ ନେଲେ କେହି
ମାଳୀଏ ମରନ୍ତି ଜରିମାନା ଦେଇ ।

ପବିତ୍ର ଶ୍ରୋତ୍ରିୟେ ନକରି ଗୋଦାନ
ଇତରେ ଦିଅନ୍ତି କିଣି ଦିବ୍ୟ ଶ୍ୱାନ ।

ତପ୍ତ ବୈତରଣୀ ହେବେ ପର ପାରି
ସେହି କୁକୁରର ହୋଇ ପୁଚ୍ଛ ଧାରୀ ?

ଧିକ ଧିକ, ଆହା ! ଜାଣି ଶୁଣି ନରେ
ଶାଶ୍ୱତକୁ ଛାଡ଼ି ଆସକ୍ତ ନଶ୍ୱରେ ।

ଚିଦାକାଶ-ପକ୍ଷୀ ଜାଣିଶୁଣି ମହା-
ଭ୍ରମ-ଜାଲେ ପଡ଼ି ହୁଅନ୍ତି ଆମୃହା ।

ଜାଣି ଶୁଣି ସିନା ବଣିଜର ପାଣି
କରନ୍ତି ଭେଲକୁ, ହୁଡ଼ି ସୁନା ଖାଣ୍ଟି ।

ସତ୍ତ୍ୱାମୃତ ହୁଡ଼ି ହୁଅନ୍ତି ସକଳେ
ନଖ ଶିଖ ଘାରି ରଜସ-ଗରଳେ ।

ନଖ ଶିଖ ଘାରି ଥିବାରୁ ଅଜ୍ଞାନ
ଅବସ୍ତୁରେ ହୋଇଅଛି ବସ୍ତୁଭ୍ରମ ।

ମନୁଷ୍ୟ ପୂଜାରେ ଯେତେକାଳ ଯାଏ
ଆତ୍ମତତ୍ତ୍ୱେ ଯେବେ ସେହିଥିରୁ ପାଏ ।

ସାରସାର ବୁଝି ଦେଉଥାନ୍ତି ଲୋକେ
ଓହ୍ଲାଇ ଆସନ୍ତା ସ୍ୱର୍ଗ ମର୍ତ୍ତ୍ୟ-ଲୋକେ ।

ନିରୁପାଧି-ସତ୍ତା-ପୀୟୂଷ ଆସ୍ୱାଦି
ସ୍ୱପ୍ନେ କେହି ଲୋଡନ୍ତୁ ନଥାନ୍ତେ ଉପାଧି ।

ହେଉଥାନ୍ତା ସିନା ଅକ୍ଳେଶେ ଅର୍ଜନ
ଏମର ଜୀବନେ ଅମର ଜୀବନ ।

ହେଉଥାନ୍ତା, ଆହା, ମର୍ତ୍ତେ ବିଶ୍ୱଗେହେ
ଦେବତା ମାନବ ଏହି ମର୍ତ୍ତ୍ୟଦେହେ ।

ମଞ୍ଚ ପାଶେ କିମ୍ପା ଏତେ ଲୋକ ଠିଆ ?
ଲାଗିଅଛି ପରା ଆସନ କଳିଆ ।

ନିଜ ଅହମିକା-ସଦୃଶ ଆସନ
ନ ଦେଖି ଥୋକାଏ ମହା କ୍ଷୁଣ୍ଣମନ ।

ଔପାଧିକ ରାଜା ଉଚ୍ଚାସନେ ରୁଷି
କ୍ଷୁଣ୍ଣ ହୋଇଛନ୍ତି ରାଜାମଉରୁସି ।

ଆସନ ସକାଶେ ବୃଦ୍ଧେ ଏଡ଼େ ବାଇ
ବାଳକେ ଯେସନେ କ୍ରୀଡନକ ପାଇଁ ।

ଲଡୁଲାଗି ଯଥା ଯୁଝୁଥାନ୍ତି ପିଲା,
କେତେ ବୃଦ୍ଧେ କରୁଛନ୍ତି ବାଳଲୀଳା ।

### ୧୬.୩.୧ ମୂଳପାଠର ଦ୍ୱିତୀୟ ଭାଗ ଉପରେ ପ୍ରଶ୍ନାବଳୀ

୧. ଦରବାର କେଉଁଠାରେ ଅନୁଷ୍ଠିତ ହୋଇଥିଲା ଓ କାହିଁକି ? ସଂକ୍ଷେପରେ ଲେଖନ୍ତୁ ।

୨. ସଂକ୍ଷିପ୍ତ ଟିପ୍ପଣୀ ଦିଅନ୍ତୁ—

(କ) ମରକତ ମହୀପତି

(ଖ) ତପ୍ତ ବୈତରଣୀ

### ୧୬.୩.୨ ମୂଳପାଠର ଦ୍ୱିତୀୟ ଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ସନ୍ଧି ବିଚ୍ଛେଦ କରନ୍ତୁ—

ପବିତ୍ର, ଜଗନ୍ନାଥ, ଅନ୍ତର୍ଗତ, ମହୋତ୍ସବ

୨. ବ୍ୟାସ ବାକ୍ୟ ସହ ସମାସଗୁଡିକ ଚିହ୍ନାଇ ଦିଅନ୍ତୁ—

(କ) ଜରାଜୀର୍ଣ୍ଣ

(ଖ) ଖ୍ରୀଷ୍ଟଧର୍ମ

(ଗ) ତିନିତାଳ

(ଘ) ନୀଳପୀତ

(ଙ) ଉର୍ଦ୍ଧ୍ୱମୁହାଁ

## ୧୬.୪ ମୂଳପାଠର ଶେଷଭାଗ

କେହୁ ବୋଲେ ମୁହିଁ ଉଚ୍ଚ ପଦଧାରୀ
ଉଚ୍ଚ ଆସନର ମୁହିଁ ଅଧିକାରୀ ।

ଆନ ବୋଲେ, "ମୁହିଁ ଉଚ୍ଚ ବଂଶଧର,
ତୁ ସିନା ଅହେଇ ଦିନର ଠାକର ।

ବଡ ସିନା ତୁହି ରାଜ-ଦତ୍ତମାନେ,
ମାତ୍ର ତୋର କାହିଁ ନାହିଁ ଭୂମିମାଣେ ।

ମୋତେ କେ ନ ଜାଣେ ଏ ମହୀ ମଣ୍ଡଳେ
ମୋର ଏ ଆସନ କିପାଁ ହେଲା ତଳେ ?"

ଆନ ବୋଲେ, "ମୁହିଁ ପାଇକର ନାହା,
ବିପଦେ ରଜାର ଆଶ୍ରା ମୋର ବାହା ।

ଏହି ହସ୍ତେ କେତେ ମସ୍ତକ ଗଡ଼ାଇ
କେତେ କେତେ ଗ୍ରାମ ଦେଇଛି ପୋଡ଼ାଇ ।

ସଂଗ୍ରାମେ ପଦକ ଦେଲେ ମୋତେ ରାଣୀ
ମୋହଠାରୁ ପୁଣି କିଏ ବଡ଼ ମାନୀ ?"

ଆନ ବୋଲେ, "ମୁହିଁ ଅଟଇ ପୁଲିସ,
ବିନା ମେଘେ ସୃଜି ପାରଇ କୁଳିଶ ।

କି ଦୋଷୀ, କି ଅବା ଦୋଷହୀନ ନର
ମୋ ପ୍ରତାପେ ରାଜ୍ୟେ ସର୍ବେ ଥରହର ।

କି ବା ଦୁଃଖୀ ରଙ୍କୀ କି କୋଟିପତିଏ
ଲାଲ-ପଗଡ଼ିକି ନ ଡରନ୍ତି କିଏ ?

ମୋତେ ଦେଖି କିଏ ନଭଜେ କମ୍ପକୁ ?
କିଏ ନଡରଇ ଉତ୍‌ଫଣ ଡମ୍ପକୁ ?

ରଜାଙ୍କ ଅଟଳ ବିଶ୍ୱାସ ମୋ ଠାରେ,
ମୋହଠାରୁ କିଏ ବଡ଼ ଦରବାରେ ?"

ଆନ କହେ ମୁହିଁ, "ନଗର-ରକ୍ଷଣୀ
ସଭାର ସଦସ୍ୟ—ଦଳର ଅଗ୍ରଣୀ ।

ଲାଟଙ୍କର ହେଲେ ଶୁଭ ଆଗମନ
ସର୍ବାଗ୍ରେ କରନ୍ତି ମୋ ପୂଜା ଗ୍ରହଣ ।

ମୋର ହସ୍ତେ ନ୍ୟସ୍ତ ନଗରର ଚାବି,
ସମ୍ମାନେ ମୋହର ସର୍ବୋପରି ଦାବୀ ।"

କେହି ବୋଲେ, "ମୁହିଁ ଅଟଇ ଡିପୋଟୀ,
କଳା ଲୋକଙ୍କର ଉନ୍ନତିର କୋଟୀ ।

ଲଭି ଅଛି ମୁହିଁ ବଳେ କଉଶଳେ,
ମୋତେ ପୁଣି କିଏ ବସାଇବ ତଳେ ?"

ଲୋଭୀ ଲୋକେ ଯଥା ସ୍ୱମର୍ଯ୍ୟାଦା ଜଗି
ପ୍ରତିବାସି-ପତ୍ରେ କହେ ଦେବାଲାଗି ।

କେହି ଅବା ନିଜ ଦୁଃଖକୁ ଘୋଡ଼ାଇ
ପ୍ରତିବାସି-ଦୁଃଖ ଗାଇ ହେଉଥାଇ ।

କହେ, "ନ୍ୟାୟ ନାହିଁ ଏହି ଦରବାରେ,
ତା, ଆସନ ତୁଚ୍ଛ ଆଗେ କି ବିଚାରେ ?

ସଭାପତିଙ୍କର ଖଟଣି-କିଙ୍କର
ବୋଲି କେହି ହେଉଛନ୍ତି ଫର ଫର ।

ଗରୁଡ଼ ଉପରେ ଦେଖାନ୍ତି ପ୍ରତାପ,
ସେ ଯେଣୁ ଅଟନ୍ତି ଶିବଙ୍କର ସାପ ।

ସବୁ ଦେଶେ, ସବୁ କାଳେ ଉର୍ଦ୍ଧ୍ୱ ମୁହାଁ ।
ହୋଇଥାନ୍ତି ସିନା ଖାଛାମୁ-ଛାମୁଆ ।

ଲାଗିଛି ଏରୂପେ ଅହମିକା-ଖେଳ,
ଅହମିକା-ସିନ୍ଧୁ ହୋଇଛି ଉଦ୍‌ବେଳ ।

ଅହମିକା-ବାୟୁ-ଗ୍ରସ୍ତ ହୋଇ ବ୍ୟସ୍ତେ
'ମୁଁ' 'ମୁଁ' କରି, ଆହା, ମରନ୍ତି ସମସ୍ତେ ।

ଘୋଟିବାରୁ ଘୋର ରଜୋରୂପୀ ବ୍ୟାଧି
ଉପାଧିରେ ବୁଡ଼ି ଲୋଡ଼ନ୍ତି ଉପାଧି ।

'ମୁଁ',—ଭାବେ ଜଡ଼ିତ ଅମର ଚିତ୍-କଣା
ଦେଖାଉଛି ଭବେ ଅସଂଖ୍ୟ ପେଖନା ।

ଲଭଇ ଲାଞ୍ଛନା, ଆହା, କେତେ ରୂପେ,
ପଡ଼ି ଅହମିକା-ରୂପୀ ଅନ୍ଧକୂପେ ।

ପିନ୍ଧି ନୂଆ ଚକଚକିଆ ପୋଷାକ
ଥୋକାଏ କହନ୍ତି ମନେ ବଡ଼ ଜାଁକ !

ଭ୍ରମନ୍ତି ଚୌଦିଗେ ଅଙ୍ଗଭଙ୍ଗୀ କରି
ଅହମିକା-ବନେ ପ୍ରଜାପତି ପରି ।

କିମ୍ବା ଘନକାଳେ ଉଚ୍ଚେ ବର୍ହ ତୋଳି
କେକି ନାଚେ ଯଥା ଦୋହଲି ଦୋହଲି ।

ସାହେବି-ପୋଷାକ କେହୁ ଅବା ପିନ୍ଧି
ସସ୍ମିତେ କହଇ ବଙ୍ଗା ବଙ୍ଗା ହିନ୍ଦୀ ।

ଥରେ ଥରେ କାଶି ସାହେବି-ଠାଣିରେ
ପୋଛଇ ବଦନ ରୁମାଲ-କାନିରେ ।

ପ୍ରକଟାଇ ପୂରା ସାହେବି-ପଣିଆ
ଫରକଟା ଗୋଡେ ହୁଏ ପୁଣି ଠିଆ ?

ମିଶି ଘଷିଥିବା ବିସିନୀ ଯେସନ
କରୁଥାଇ ଦନ୍ତ୍ୟ ବର୍ଣ୍ଣ ଉଚ୍ଚାରଣ ।

କୁଣ୍ଡଳ ଦେଖାଇ ହେବା ଅଭିପ୍ରାୟେ
କୁଣ୍ଡଳୀ ଯେସନେ ମୁଣ୍ଡକୁ ହଲାଏ ।

ସମୟ ଜାଣିବା ମିଛ ବାହାନାରେ
ଘଡ଼ି କାଢ଼ି କେହି ଦେଖାଏ ବାହାରେ ।

ନାନା ଅଳଙ୍କାର କରେ ଝଲମଲ,
ନବ୍ୟଘଡ଼ି ଚେନ, ପ୍ରାଚୀନ କୁଣ୍ଡଳ ।

ହୃଦେ ଲମ୍ବମାନ ସୁବର୍ଣ୍ଣ-ତକମା,
ନାସିକା-ଶୋଭନ-ସୁବର୍ଣ୍ଣ ଚଷମା ।

କେତେ ରଙ୍ଗ କରୁଛନ୍ତି କେତେ ଜଣ
କହିଲେ ନସରେ ନର-ଫୁଲ୍ଲପଣ ।

ଘାରିଅଛି ପ୍ରତିଜନେ ଯେଚ୍ଛେ ନିଶା,
କି ଛାର କଥାରେ କି ଘୋର ଜିଗୀଷା ।
ଅକିଞ୍ଚନ କେହୁ କହେ ହାତ ଯୋଡ଼ି
ବୃଥା ଲାଗି କିପାଁ କାମୋଡ଼ା କାମୋଡ଼ି ?

ଅଳ୍ପଦିନ ସ୍ଥିତି ପାଇଁ ଭବ-ଚଟି
ଏଥିଲାଗି କିପାଁ ଏତେ କଟାକଟି ?

ମଣ ସିନା ଆପଣାକୁ ବଡ଼ କରି,
ମାତୃକଥା-ବୃକ୍ଷ ଦେହେ ମଶାପରି ।

ମହୀରେ କାହାରି ପ୍ରବେଶ ପ୍ରୟାଣେ
ଓଜନ ଉଶ୍ୱାସ ମହୀତ ନ ଜାଣେ ।

ଦେଖ ସାବଧାନେ ଜ୍ଞାନ-ନେତ୍ର ଫେଇ
ତୁମ୍ଭ ମଧ୍ୟେ ସାନ ବଡ଼ ନାହିଁ କେହି ।

ସାନ ବଡ଼ ଜ୍ଞାନ ଭେକର ଭିଆଣ,
ଭେକ ତଳେ କେହି ନାହିଁ ବଡ଼ ସାନ ।

ଜଣେ ଜଣେ ଗୋଟି ଗୋଟିଏ ସୁଆଙ୍ଗ
ଚାଲିଯିବ ଭବ-ଲୀଳା ହେଲେ ସାଙ୍ଗ ।

ସର୍ବେ ଯିବ, ଯାଇ ଉଭେଇ ଅଚିରେ
ବୁଦ୍ ବୁଦ ପରାୟେ ଏହି ନଦୀ-ନୀରେ ।

ଅଖଣ୍ଡ ଦଣ୍ଡାୟମାନ କାଳସିନ୍ଧୁ
ମଧ୍ୟେ ବିନ୍ଦୁ ରହି ନୁହ ଏକ ବିନ୍ଦୁ ।

ମାଟି ଘଟେ ବୃଥା ବହି ଅଭିମାନ
ଅଜ୍ଞାନେ ଧରାକୁ କର ଶରାଜ୍ଞାନ ।

ଅଜ୍ଞାନେ ନଶ୍ୱର ଭାଗ୍ୟର ଗରବେ
ଭାଳ ତୁମ୍ଭେ ତିମି, ଶଫରୀ ସରବେ ।

ସପ୍ତବିତସ୍ତିର କୀଟ ହୋଇ, ଭାଇ,
ବୃଥା କର କିପାଁ ଭାଗ୍ୟ ବଡ଼ାଇ ?

ବୃଥା କର କିପାଁ ସମ୍ପଦେ ବିଶ୍ୱାସ ?
ବିଜୁଳି ପ୍ରାୟେ ଯା ବିଭାର ବିକାଶ ।

ସୁଖ ଝଟକେ ଯେ ଚକ୍ଷୁ ଚମକାଇ
ଦୁଃଖ-ବଜ୍ରେ ପରେ କରେ ଧରାଶାୟୀ ।

ବୃଥା ବହି ଏହି ଭଙ୍ଗୁର ରୋଗଭୂ,
ମଣ ଆପଣାକୁ ଜଣେ ଜଣେ ପ୍ରଭୁ ।

ରୋଗ ବ୍ୟାଜେ କାଳ ଥରେ ଥରେ ଚୁଟି
ଝିଙ୍କି ଦେଲେ, ଏହି ଦର୍ପ ଯାଏ ତୁଟି ।

ଦର୍ପତୁଟେ କ୍ଷଣେ ଭେଟେ ବିପଦର,
ହାବୋଡ଼େ ଆସି ଯେ ନ ଦେଇ ଖବର ।

ଅବଧି କି ସେହି ଦର୍ପ ତୁଟି ନାହିଁ ?
ଲଜ୍ଜୁଛ କିପରି, କିବା କଥାପାଇଁ ?

କେତେ ଦିନ ଲାଗି ମର୍ତ୍ତ୍ୟେ ଅବା ଘର ?
ଏଥିଲାଗି କିପାଁ ଏତେ ଆଡ଼ମ୍ବର ?

ମର୍ତ୍ତ୍ୟେ ପଡ଼ି କାନ୍ଦି ଲୋଡ଼ ଦୁଧ ଥୋଡ଼ା
ଯିବାବେଳେ ଛଅଖଣ୍ଡି କାଠ ଲୋଡ଼ା ।

ମଧ୍ୟେ କେତେ ଦିନ ମାତର କୁଣିଆ,
ଏଥି ପାଇଁ ପୁଣି ନ ଅଣ୍ଟେ ଦୁନିଆ ।

କେତେ ଦିନ ପାଇଁ ଦର୍ପର ପତକା
ତୋଳି, ଦେଉଥିବ, ଖାଉଥିବ ଧକା ?

ଏହି ଦରବାରେ ରୁଣ୍ଡ ଯେତେ ନରେ,
ଏଥିରୁ ଥୋକାଏ ବର୍ଷକ ଭିତରେ ।

ଅନ୍ୟ ଦରବାରେ ହେବେଟି ତଲବ,
ତୁମ୍ଭେ ତହିଁ ଥିବା ଯେହ୍ନେ ଅସମ୍ଭବ ।

ସେ ଦାରୁଣ ଦରବାରେ ଯିବାପାଇଁ
ଗାଡ଼ି ଘୋଡ଼ା ଆଦି ଲୋଡ଼ା ହେବ ନାହିଁ ।

ପାଇକ ସ୍ୱରୂପେ ଆସି ରୋଗ ନାନା
ଦେଖାଇବେ ତଲବର ପରୱାନା ।

ତଲବ ନୁହଁଇ, ଓ୍ୱାରେଣ୍ଟ ସିନା ସେ
ନ ଦେବ ମାଗିଲେ ମହଲତ ମାସେ ।

କରିଯିବା ପାଇଁ ନୋହି ବ୍ୟତିବ୍ୟସ୍ତ,
ଘରବାଡ଼ି, ଜମି, ଜମା ବନ୍ଦୋବସ୍ତ ।

ଆର୍ତ୍ତ ଦାର-ସୁତ-ରୋଦନେ ମୁଖର,
ସ୍ନେହକାରି-ଜନ ଲୋତକେ ଜର୍ଜର ।

ମୃତ୍ୟୁଶଯ୍ୟା ଅଣଆଶ ଲୀଳାସ୍ଥଳୀ
ସେ ଦରବାରର ଭୀଷଣ ଦେହଳୀ ।

ଅଭ୍ରାନ୍ତ-ଘଟିକା-ଯନ୍ତ୍ର ବାମ କରେ,
ଭୀମ କାଳଦଣ୍ଡ ଧରି ବାମେତରେ ।

ସେହି ବୈଶ୍ୱାନର ଦରବାରେ ନିଜେ
ପ୍ରେତପତି ସଭାପତି ରୂପେ ବିଜେ ।

ଥରେ ମନେକର ସେହି ଦରବାର
କି ଭଳି ଆସନ ଲଭିବ ସେଠାର ।
କିଭଳି ପୋଷାକ ଲୋଡ଼ା ହେବ ତହିଁ
ଲଭିବ ସମ୍ମାନ କେଉଁ ଗୁଣ ବହି
ଏ ଦରବାରର ଆସନ ଫରଦ
ଚିତ୍ରଗୁପ୍ତ ପାଙ୍ଗି କରିଦେବ ରଦ ।''

**୧୬.୪.୧ ମୂଳପାଠର ଶେଷଭାଗ ଉପରେ ପ୍ରଶ୍ନାବଳୀ**

୧. ଭାବ ସମ୍ପ୍ରସାରଣ କରନ୍ତୁ—
''ଚାଳକ ଯେସନେ କ୍ରୀଡ଼ନକ ପାଇଁ''

୨. ସଂକ୍ଷିପ୍ତ ଟିପ୍ପଣୀ ଦିଅନ୍ତୁ—
(କ) ବାରବାଟୀ, (ଖ) ଅନ୍ଧମିକା ସିନ୍ଧୁ ।

**୧୬.୪.୨ ମୂଳପାଠର ଶେଷଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ**

୧. ନିମ୍ନଲିଖିତ ବାକ୍ୟରେ ବ୍ୟବହୃତ ହୋଇଥିବା ସର୍ବନାମପଦକୁ ଚିହ୍ନାଇ ଦିଅନ୍ତୁ—
(କ) ତାହାର ନନ୍ଦନ ମଧୁପେ କେଶର
(ଖ) ପୁରାଣ ବାଣୀ ତାହାକୁ କହନ୍ତି ଶୁକ ମୁନି
(ଗ) ସେ ଯେଣୁ ଅଟନ୍ତି ଶିବଙ୍କର ଶାପ
(ଘ) ଏହି ହସ୍ତେ କେତେ ମସ୍ତକ ଚଢ଼ାଇ

୨. ରେଖାଙ୍କିତ ପଦରେ ବିଶେଷ୍ୟ ଓ ବିଶେଷଣ ପଦ ଚିହ୍ନାଇ ଦିଅନ୍ତୁ—
(କ) ଅଗସ୍ତିଙ୍କ ପାଦପଦ୍ମେ ଦିବ୍ୟପୂଜା କଯେ
(ଖ) ବିଷମ କୃତ୍ୟ ସେ ରାମର ଅଟଇ ବନିତା
(ଗ) ସେ ଦାରୁଣ ଦରବାରେ ଯିବା ପାଇଁ

**୧୬.୪.୩ ସମ୍ପୂର୍ଣ୍ଣ ପାଠ ଉପରେ ପ୍ରଶ୍ନାବଳୀ**

୧. ନୀଳସୁନ୍ଦର ବର୍ଣ୍ଣନ ପ୍ରସଙ୍ଗରେ ପ୍ରାଚୀନ ଓଡ଼ିଆ ଭାଷାର ପରିଚୟ ପ୍ରଦାନ କରନ୍ତୁ ।
୨. ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କର ବଡ଼ ଦେଉଳ ନିର୍ମାଣର ବୃତ୍ତାନ୍ତ ସଂକ୍ଷେପରେ ଲେଖନ୍ତୁ ।
୩. ଦରବାର କାବ୍ୟର ନାମକରଣ ଓ ରଚନାର ଉଦ୍ଦେଶ୍ୟ ସଂକ୍ଷେପରେ ଆଲୋଚନା କରନ୍ତୁ ।

**୧୬.୪.୪ ସମ୍ପୂର୍ଣ୍ଣ ପାଠ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ**

୧. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ନିରୂପଣ କରନ୍ତୁ—
ଶାଶ୍ୱତ, ପୀୟୂଷ, ବିପଦ, ଦୁଃଖ, ଅନୁକୂଳ ।

୨. ବ୍ୟାସବାକ୍ୟ ସହ ସମାସ ନିର୍ଣ୍ଣୟ କରନ୍ତୁ—
(କ) ଅଷ୍ଟବକ୍ର, (ଖ) ଖ୍ରୀଷ୍ଟଧର୍ମ, (ଗ) ପୁରୁଷୋତ୍ତମ, (ଘ) ପାଦପଦ୍ମ ।

## ୧୬.୫ ମୂଳପାଠର ସାରାଂଶ

### (ନୀଳସୁନ୍ଦର ବର୍ଣ୍ଣନ ଓ ବଡ଼ଦେଉଳ ତୋଳା କଥା)

କଳିଙ୍ଗ ଦେଶର ରାଜା ଅଗସ୍ତି ମୁନିଙ୍କଠାରୁ ଶ୍ରୀବିଷ୍ଣୁ ପୁରାଣ ଶ୍ରବଣ କରି ଭକ୍ତିରେ ତାଙ୍କର ପଦ ବନ୍ଦନା କଲେ । ଶ୍ରୀକୃଷ୍ଣଙ୍କ ଅପୋଡ଼ା ପିଣ୍ଡକୁ ଅର୍ଜୁନ ସମୁଦ୍ରକୁ ନିକ୍ଷେପ କଲାପରେ ଯାହା ଯାହା ସବୁ ଘଟିଲା ସେ ବିଷୟ ଜାଣିବା ପାଇଁ ରାଜା ମନ ବଳାଇଲେ । ମୁନି କାହାଣୀଟି ଆରମ୍ଭ କଲେ । ଶ୍ରୀକୃଷ୍ଣଙ୍କ ଅଭିଶାପରେ ଗାଲବ ବଂଶ ଧ୍ୱଂସ ପାଇଲା । ବିସ୍ଥଟ ନନ୍ଦନ ଉତ୍ତର କୁମରର ପୁତ୍ର ମଧୁକେଶର ଓ ତା'ର

ପୁତ୍ର ଇନ୍ଦ୍ରଦ୍ୟୁମ୍ନ ଥିଲେ ଅତ୍ୟନ୍ତ ଧାର୍ମିକ । ଦିନେ ସେ ପାତ୍ରମନ୍ତ୍ରୀଙ୍କୁ ଧରି ଯମନିକ ତୀର୍ଥରେ ପ୍ରବେଶ କଲେ ଏବଂ ସେଠାରେ ଖୁବ୍ ମୁନିଙ୍କଠାରୁ ପୁରାଣ ବୃତ୍ତାନ୍ତ ସବୁ ଶ୍ରବଣ କଲେ । ଗାଲମାଧବଙ୍କ ଯଶକୀର୍ତ୍ତି ଶୁଣି ରାଜା ତାଙ୍କୁ ଧନ୍ୟ ଧନ୍ୟ କଲେ । ସେ ଶୁଣିଲେ ଯେ ଯମନିକ ତୀର୍ଥରେ ନୀଳସୁନ୍ଦର ପର୍ବତରେ ଶ୍ରୀଜଗନ୍ନାଥ ବିଜେ କରିବେ । ଏକଥା ଶୁଣି ରାଜା ଆନନ୍ଦିତ ହୋଇ ନୀଳସୁନ୍ଦର ପର୍ବତକୁ ଉଠିଲେ ଏବଂ ସେଠାରେ ଦେଉଳ ତୋଳାଇବାର ସଙ୍କଳ୍ପ କଲେ । ପରାମର୍ଶ କ୍ରମେ ଏହାପରେ ପର୍ବତ ଲକ୍ଷେ ଯୋଜନ ପର୍ଯ୍ୟନ୍ତ ଉଚ୍ଚ ହୋଇଗଲା । ଫଳରେ ସୂର୍ଯ୍ୟଙ୍କ ରଥ ଅତିକ୍ରମ କଲାବେଳେ ରଥର ଅଶ୍ୱମାନେ ଝୁଣ୍ଟି ପଡ଼ିଲେ । ଏକଥା ଦେଖି ସୂର୍ଯ୍ୟଦେବ ଏହି ପର୍ବତ ନିଜ ଜାତିମେଳ ଛାଡ଼ି ସେଠାରେ ଏକାକୀ ରହିବାର କାରଣ ପଚାରନ୍ତେ ନୀଳସୁନ୍ଦର କହିଲା ଯେ, ସେ ସତ୍ୟ ଯୁଗରେ ମୁନିବ୍ରତ ଧାରଣ କରିଥିଲା, ସେତେବେଳେ ଲଙ୍କାରେ ସୁବଳୟା ଗିରିରେ ରୁଦ୍ରପ୍ରଭୁ ବୋଲି ଜଣେ ରାବଣ ବ୍ରହ୍ମାଙ୍କ ବରରେ ସହସ୍ର ଶିର ଧାରଣ କରି ରାଜତ୍ୱ କରୁଥିଲା । ତ୍ରେତୟା ଯୁଗରେ ସେ ଥିଲା ଲଙ୍କେଶ ରାବଣ । କାମବଶତଃ ଜନକ ନନ୍ଦିନୀ ସୀତାଙ୍କୁ ହରଣ କରିନେଲା । ଶ୍ରୀରାମଚନ୍ଦ୍ର ଏହି ନୀଳପର୍ବତରୁ ବାନର ସେନା ନେଇ ସୁବଳୟା ପର୍ଯ୍ୟନ୍ତ ଲଙ୍କାକୁ ସେତୁବନ୍ଧ ବାନ୍ଧି ଥିଲେ । ହନୁମାନ କାନ୍ଧରେ ବସି ଯେତେବେଳେ ଶ୍ରୀରାମଚନ୍ଦ୍ର ନୀଳପର୍ବତ ଉପରୁ ନୀଳଗିରି ପର୍ବତକୁ ଡେଇଁଗଲେ ହନୁମନ୍ତର ପାଦଭାର ସମ୍ଭାଳି ନପାରି ସେହି ପର୍ବତ ପାତାଳକୁ ଲୁଚି-ଗଲା । ତାପରେ ସେହି ନୀଳପର୍ବତ ଦ୍ୱାରକାପୁରୀରେ ପରିଣତ ହେଲା । ଏହା ଅତି ଉଚ୍ଚ ହେବାରୁ ଆଦିତ୍ୟଙ୍କ ଅଭିଶାପରେ ସତ୍ୟଯୁଗରେ ଲକ୍ଷେ ଯୋଜନ ହେଲା । ପୁନଶ୍ଚ ଆଦିତ୍ୟଙ୍କ ଭୟରେ ନୀଳପର୍ବତର ଶରୀର କ୍ଷୟପ୍ରାପ୍ତ ହୋଇ ଅୟୁତ ଯୋଜନ ହେଲା ଏବଂ ଦ୍ୱାପର ଯୁଗରେ ୧୦୮ ଯୋଜନ ଆକାରଧାରଣ-କଲା । ଅଷ୍ଟବକ୍ର ଋଷିଙ୍କ ଅଭିଶାପ ପରେ ଭୀମ ଲୌହ ମୂଷଳ ଆଣି ଏହି ପର୍ବତ ଉପରେ ଘୋରନ୍ତେ ମୂଷଳ ନଛିଡ଼ିବାରୁ ତାକୁ ଜଳକୁ ଫିଙ୍ଗି ଦେଲା । ତାକୁ ଗୋଟିଏ ମାଛ ଗିଳି ଦେଲା ଏବଂ ତାହା କେଉଟ ହାତରେ ଧରାପଡ଼ିଲା । କେଉଟ ସେହି ଲୌହ ମୂଷଳକୁ ନେଇ ଜାରା ଶବରକୁ ଦିଅନ୍ତେ ସେ ସେଥିରେ ଶରମୁନ ତିଆରିକରି ଶ୍ରୀକୃଷ୍ଣଙ୍କୁ ମାରିବାରୁ ଶ୍ରୀକୃଷ୍ଣ ପ୍ରାଣତ୍ୟାଗ କଲେ । ଅର୍ଜୁନ ଶ୍ରୀକୃଷ୍ଣଙ୍କ ଶରୀରକୁ ଦହନ କଲାବେଳେ ସ୍ୱର୍ଗବାଣୀ ହେବାରୁ ଦହନ ନକରି ସେ ପିଣ୍ଡକୁ ସମୁଦ୍ର ଜଳକୁ ନିକ୍ଷେପ କଲେ । ସେ ପିଣ୍ଡ କଳିଯୁଗରେ ନିଶ୍ଚେ ପୂଜା ପାଇବ ବୋଲି ଶୁଣି ରାଜା ଏହି ପିଣ୍ଡ କେଉଁଠି ମିଳିବ ବୋଲି ମନ୍ତ୍ରୀଙ୍କୁ ପଚାରିଲେ । ଖୋଜିଲେ ମିଳିବ ବୋଲି ମନ୍ତ୍ରୀ କହନ୍ତେ ରାଜା ନୀଳକଳ୍ପବଟ ମୂଳେ ବସି ଦେଉଳ ନିର୍ମାଣ କରିବା ପାଇଁ ସଙ୍କଳ୍ପ କଲେ । ଏହି ସମୟରେ ଏକ ବିନ୍ଧାଣି ଆସି ରାଜାଙ୍କୁ ଦର୍ଶନ କରି ତାଙ୍କର ମନକାମନା ପୂର୍ଣ୍ଣ କରିବ ବୋଲି କହିଲା ।

ବିଶ୍ୱାବସୁ ନାମକ ଏକ ବ୍ରାହ୍ମଣ ତୁଳାମାସ କୃଷ୍ଣପକ୍ଷ, ଚତୁର୍ଥୀ ତିଥିରେ ରୋହିଣୀ ନକ୍ଷତ୍ର ଗୁରୁବାର ପାହାନ୍ତିରେ ଦେଉଳର ଶୁଭ ଦେଲେ । ଏକାମ୍ର ବନରୁ ପଥର କଟାଯାଇ ଅଣା ହେଲା । ବିଷ୍ଣୁଦାସ ନାମକ କାରିଗର ଶିଳାକାଟି ଦେଉଳ ନିର୍ମାଣ କଲେ । ତିନିତାଳ ଆୟତନ ଏବଂ ତିନିତାଳ ସିଦ୍ଧ ପାଷାଣରେ ମନ୍ଦିର ନିର୍ମିତ ହେଲା । ରାଜା ୨୪ ବର୍ଷ ଯମନିକ ଦେବତାଙ୍କ ନିକଟରେ ଉପବାସ କରି ଶୋଇ ରହନ୍ତେ ଠାକୁରଙ୍କ ଧ୍ୟାନଭଗ୍ନ ହେଲା । ଠାକୁର ତାଙ୍କର ଧ୍ୟାନଭଗ୍ନ ପାଇଁ କୋପ କଲେ । ମାତ୍ର ରାଜା ତାଙ୍କ ପାଦପଦ୍ମରେ ପଡ଼ି ବିନୟୀ ହୁଅନ୍ତେ ଠାକୁର ଯମନିକ ତୀର୍ଥର ମାହାତ୍ମ୍ୟ ଶୁଣାଇଲେ । ଯମନିକ ତୀର୍ଥର ଅଧିପତି ହେଉଛନ୍ତି ଯମେଶ୍ୱର । ରାଜାଙ୍କ କୀର୍ତ୍ତିରେ ଯମେଶ୍ୱର ପ୍ରସନ୍ନ ହେଲେ । ରାଜା ଠାକୁରଙ୍କୁ ଶତେବାର ପ୍ରଣାମ କରି କେଉଁ ଠାକୁରଙ୍କୁ ମନ୍ଦିରରେ ପ୍ରତିଷ୍ଠିତ କରାଇବେ ସେଥିପାଇଁ ଯମେଶ୍ୱରଙ୍କ ଆଦେଶ କାମନା କଲେ । ଯମେଶ୍ୱର ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଲେ ଉତ୍ତର ଦିଗରେ ଯେଉଁ ମାର୍କଣ୍ଡ ବ୍ରହ୍ମା ଅଛନ୍ତି ସେ ହେଉଛନ୍ତି ଏକ୍ଷେତ୍ରର ଅଧୀଶ୍ୱର । ତାହାଙ୍କୁ ପ୍ରାର୍ଥନା କଲେ ସେ ଯାହା ଆଜ୍ଞାଦେବେ ସେହି ଅନୁସାରେ କାର୍ଯ୍ୟ ହେବ ।

## ମୂଳପାଠର ସାରାଂଶ (ଦରବାର)

ଇଂରେଜ ସରକାର ବାରବାଟୀଠାରେ ତା ୨୯-୮-୧୮୯୪ ମସିହାରେ ଏକ ବିରାଟ ଦର-ବାରର ଆୟୋଜନ କରିଥିଲେ । ଯେଉଁ ରାଜା, ମହାରାଜା, ଜମିଦାର ଓ ସରକାରୀ ପଦସ୍ଥ କର୍ମଚାରୀ ସରକାରଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରି ଶାସନ କ୍ଷେତ୍ରରେ ପୂର୍ଣ୍ଣ ସାହାଯ୍ୟ କରୁଥିଲେ ଏବଂ ଯେଉଁ-ମାନଙ୍କର ଅଲୌକିକ ପ୍ରତିଭାରେ ଅଦ୍‌ଭୁତ କାର୍ଯ୍ୟମାନ ସମ୍ପନ୍ନ ହୋଇଥିଲା, ସେହିମାନଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା, ଉପାଧି ଓ ଉପଢୌକନ ଦେବା ପାଇଁ ଏ ଦରବାରର ଆୟୋଜନ କରାଯାଇଥିଲା । ଏଥିପାଇଁ ନିମନ୍ତ୍ରିତ ଅତିଥିମାନଙ୍କର ସୃଷ୍ଟ ହୋଇଥିବା ଅହଙ୍କାର, ଦାମ୍ଭିକତା ଏବଂ ବିଜାତୀୟ ମନୋବୃତ୍ତିକୁ ଲକ୍ଷ୍ୟ କରି କବି ରାଧାନାଥ ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଥିଲେ । ବିଶେଷ କରି ଯେଉଁ ବାରବାଟୀ ଦିନେ ଅତୀତ ଉତ୍କଳର ରାଜଧାନୀ ରୂପେ ତାର ଚତୁର୍ଦ୍ଦିଗରେ ଯଶ କୀର୍ତ୍ତି ଓ ଗୌରବ ପ୍ରଚାର କରୁଥିଲା । ଆଜି ତାହା ବିଦେଶୀ ଶତ୍ରୁମାନଙ୍କ ଦ୍ୱାରା ଅଧିକୃତ ହୋଇ ତାର ସମସ୍ତ ଶ୍ରୀ ହରାଇଛି । ଦିନେ ଓଡ଼ିଆ ବୀରମାନ-ଙ୍କର ରଣ ହୁଙ୍କାରରେ ବାରବାଟୀ ପ୍ରକମ୍ପିତ ହେଉଥିଲା ଏବଂ ବୀରରକ୍ତରେ ତାର ମାଟି ରଞ୍ଜିତ ହୋଇ ଯାଉଥିଲା । ଆଜି ସେହିଠାରେ ଶତ୍ରୁର ଆନନ୍ଦ ଉଲ୍ଲାସ ଭିତରେ ଦରବାର ଅନୁଷ୍ଠିତ ହେଉଛି । ଏ ଦୃଶ୍ୟ ଅବଲୋକନ କରିବା ସଙ୍ଗେ ସଙ୍ଗେ କବିଙ୍କର ଉତ୍କଳ ତଥା ବାରବାଟୀର ଅତୀତ ଗୌରବମୟସ୍ମୃତି

ଜାଗରୂକ ହୋଇଛି । ସେଗୁଡ଼ିକୁ ସେ ଗୋଟି ଗୋଟି କରି କାବ୍ୟର ଆରମ୍ଭରେ ବର୍ଣ୍ଣନା କରି ଚାଲିଛନ୍ତି । ସାମାନ୍ୟ ଉପାଧି ପାଇଁ ଆସୁଥିବା ବ୍ୟକ୍ତିମାନଙ୍କୁ ସେ ଅତି କଠୋର ଭାବରେ ବ୍ୟଙ୍ଗ କରିଛନ୍ତି ।

ଉପାଧି ପାଇଁ ରାଜା ମହାରାଜା, ପଦସ୍ଥ ସରକାରୀ କର୍ମଚାରୀ, ଜମିଦାର ପ୍ରଭୃତିଙ୍କର ପଟୁଆର ଚାଲିଛି । ଯୂଥ ଯୂଥ ଅଶ୍ୱ ଗଜ ଉପରେ ଆରୋହଣ କରି ସେମାନେ ଧ୍ୱଜ ଛତ୍ର ଉଡ଼ାଇ ଆସୁଛନ୍ତି । ଗୁଡୁମ୍ ଗୁଡୁମ୍ ତୋପର ଆଓ୍ୱାଜ ଶୁଭୁଛି । ଚନ୍ଦ୍ରାତପ ତଳେ ଦରବାର ମଞ୍ଚ ଆଲୋକରେ ସୁଶୋଭିତ । ପ୍ରହରୀମାନେ ସୁସଜ୍ଜିତ ହୋଇ ଦ୍ୱାର ଜଗିଛନ୍ତି, ଧାଡ଼ି ଧାଡ଼ି ହୋଇ ବେତ୍ରାସନ ପଡ଼ିଛି । ପଦବୀ ଅନୁସାରେ ଆସନ ମଧ୍ୟ ସଜା ହୋଇଛି । କାହାକୁ ଅସ୍ତ୍ର, କାହାକୁ ଶିରୋଭୂଷଣ, କାହାକୁ କର୍ଣ୍ଣରସାୟନ ପଦବୀ, କାହାକୁ ମୋତିମାଳା, କାହାକୁ ପ୍ରଶଂସାପତ୍ର ଦିଆଯିବ ସେଥିପାଇଁ ବ୍ୟବସ୍ଥା ହୋଇ ସାରିଛି । ଏହି ସାମାନ୍ୟ ପଦ ପଦବୀ, ଉପଢୌକନ ପାଇଁ ଅତିଥିମାନଙ୍କର ଅହଙ୍କାର, ଆସ୍ପର୍ଦ୍ଧା, ତୋଷାମଦି ଓ ଅହମିକା କହିଲେ ନସରେ । ଉଚ୍ଚ ଆସନରେ ବସିବା ପାଇଁ ସେମାନଙ୍କ ମଧ୍ୟରେ ଝଗଡ଼ା ଏବଂ ନିଜର ପ୍ରଭାବ ତଥା ବଡ଼ ପଣିଆ ପ୍ରଚାର ପାଇଁ କରାଯାଉଥିବା ବ୍ୟାପକ ଆୟୋଜନକୁ ଲକ୍ଷ୍ୟ କରି କବି ରାଧାନାଥ କ୍ଷୋଭ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ତୀବ୍ର ବିଦ୍ରୂପ କରିଛନ୍ତି । ଅସାର ବସ୍ତୁ ପାଇଁ ମନୁଷ୍ୟ କିପରି ଶତ୍ରୁର ଦାସତ୍ୱ ସ୍ୱୀକାର କରିପାରେ ଏବଂ ନିଜର ଜାତୀୟ, ମାନବିକତା ଓ ନୈତିକତାକୁ ବଳି ଦେଇ ପାରେ ତା'ର ବ୍ୟଙ୍ଗାତ୍ମକ ଚିତ୍ର ହେଉଛି ଏହି 'ଦରବାର' । ଅହମିକାରେ ଅନ୍ଧ ହୋଇ ମନୁଷ୍ୟ ଧର୍ମକୁ ଶର୍ମ ଜ୍ଞାନ କରିଛି । ଭୌତିକତା ପ୍ରତି ତାର ଲାଳସା ସୀମା ଟପି ଯାଇଛି । ଆଧ୍ୟାତ୍ମିକ ଚେତନା ତାଠାରୁ ସମ୍ପୂର୍ଣ୍ଣ ଲୋପ ପାଇଯାଇଚି । ମନୁଷ୍ୟ ଯେ କାଳର କ୍ରୀଡ଼ନକ, ମାଟିର ଦେହ ତାର ମାଟିରେ ମିଶିଯିବ, ଗଲାବେଳେ ମାତ୍ର ଛଅଖଣ୍ଡି କାଠ ଲୋଡ଼ା ହେବ—ଏକଥା ସେ ଆଦୌ ଚିନ୍ତା କରୁନାହିଁ । ଭେଲକୁ ସେ ଭଲ ଜ୍ଞାନ କରୁଛି । ମାନି ନେଉଛି ମାନ, ମର୍ଯ୍ୟାଦା, ଉପାଧି ପଛରେ ମନୁଷ୍ୟ ପାଗଳ ପରି ଛୁଟି ଚାଲିଛି ।

ପୁଲିସ, ଡେପୁଟି, ନଗରରକ୍ଷୀ, ପ୍ରଭୃତି ଭିତରେ ଚାଲିଛି ପଦସମ୍ମାନର ପ୍ରତିଯୋଗିତା ଓ ଆସନ ପାଇଁ କଳି । ପୁଲିସ କହୁଛି, "ମୁଁ ବିନା ମେଘରେ ବଜ୍ର ସୃଷ୍ଟି କରିପାରେ ।" ଡିପୋଟି କହୁଛି, "ମୁଁ କଳା ଲୋକମାନଙ୍କର ମଉଡ଼ମଣି ।" ନଗରରକ୍ଷୀ କହୁଛି, "ବଡ଼ଲାଟ ତାଙ୍କର ଶୁଭାଗମନରେ ମୋର ପୂଜା ପ୍ରଥମେ ଗ୍ରହଣ କରନ୍ତି ।" କେହି ସାହେବଙ୍କ ପାଖ ଲୋକ କହି ଅନ୍ୟ ଉପରେ କ୍ଷମତା ବିସ୍ତାର କରିବାରେ ବ୍ୟସ୍ତ । ଏହିପରି ନିଜ ନିଜର ପ୍ରଶଂସା ପ୍ରଚାରରେ ଦରବାର ପ୍ରକମ୍ପିତ ହୋଇ ଉଠିଛି । ଏମାନେ କେତେ ପ୍ରକାରର ଅଙ୍ଗଭଙ୍ଗୀ କରି ନିଜ ନିଜର ବଡ଼ିମା ପ୍ରଚାର କରୁଛନ୍ତି । କେହି ସାହେବୀ ପୋଷାକ ପିନ୍ଧି ବଙ୍କା ବଙ୍କା ହିନ୍ଦୀ କହୁଛି ତ କିଏ ବାରମ୍ବାର ରୁମାଲରେ ମୁହଁ ପୋଛୁଛି । କିଏ ଚଷମା ଟେକି କଥା କହୁଛି । କିଏ କୁନ୍ତଳ ଦୋହଲାଉଛି । ଏମାନେ ଅନ୍ୟର ନିକଟରେ ନିଜର ଗରିମା, ବଡ଼ ପଣିଆ ଓ ବାହାଦୁରୀ ପ୍ରଦର୍ଶନ ପାଇଁ ଯେତେପ୍ରକାର ଉପାୟ ଅବଲମ୍ବନ କରାଯାଇପାରେ କରୁଛନ୍ତି । ମାତ୍ର କବିଙ୍କର ମତ ହେଉଛି, କ୍ଷଣିକ ମାୟାରେ ମନୁଷ୍ୟ ଏପରି ହେବା ଉଚିତ ନୁହେଁ । ଏ ସଂସାରରେ ସାନବଡ଼ ଭେଦାଭେଦ କିଛି ନାହିଁ । କାଳସିନ୍ଧୁ ବକ୍ଷରେ ସମସ୍ତେ ବୁଦ୍‌ବୁଦ୍ ପ୍ରାୟ ଲୀନ ହୋଇଯିବେ । ଏ ସଂସାରକୁ ମାତ୍ର କେତୋଟି ଦିନ ମନୁଷ୍ୟ କୁଣିଆ ପରି ଆସିଛି । ଯେପରି ଲଙ୍ଗଳା ହୋଇ ଆସିଛି ସେପରି ଲଙ୍ଗଳା ହୋଇ ଚାଲିଯିବ । ଏ ସମ୍ପର୍କରେ ସଚେତନ ହୋଇ ସେ ପାପ, ପୁଣ୍ୟ, ଭଲ ମନ୍ଦ ବିଚାର କରିବା ଉଚିତ । ତା ନହେଲେ କାଳ ନିକଟରେ ତାର ସବୁ ଗର୍ବ ଦମ୍ଭ, ଅହମିକା ଚୂର୍ଣ୍ଣ ହୋଇଯିବ । ସେଥିପାଇଁ କବି ଯମ ଦରବାରର ଉଦାହରଣ ଦେଇ ଉପାଧି ବିକାରଗ୍ରସ୍ତ ବ୍ୟକ୍ତିମାନଙ୍କୁ ଚେତାଇ ଦେଇଛନ୍ତି । ସେହି ଦରବାରକୁ ଯିବାକୁ ହେଲେ କୌଣସି ଗାଡ଼ିଘୋଡ଼ାର ଆବଶ୍ୟକତା ନାହିଁ । ପାଇକ ରୂପରେ ବିଭିନ୍ନ ରୋଗମାନେ ଆସି ପହଞ୍ଚିବେ । ସେଠାରେ ସଭାପତି ନିଜେ ଯମରାଜା । ସେଠାରେ ଆସନର ଝଗଡ଼ା ନଥିବ । କିଭଳି ପୋଷାକ ପିନ୍ଧି କେଉଁ ଆସନରେ ବସିବାକୁ ହେବ ଚିନ୍ତା କରିବାକୁ ସମୟ ନଥିବ । ଏ ଦରବାରର ଅହମିକା ଚିଠା ସେଠାରେ ରଦ୍ଦ ହୋଇଯିବ । ସେଠାରେ ଚିତ୍ରଗୁପ୍ତ ଆସନ ଠିକ୍ କରି ରାୟ ଦେଇ ସାରିଥିବ । ତେଣୁ ସାମାନ୍ୟ ଉପାଧି ପାଇଁ ଏତେ ଆଡ଼ମ୍ବର, ଅହଙ୍କାର, କ୍ଷମତା ଲିପ୍‌ସା ଆଦୌ ଶୋଭନୀୟ ନୁହେଁ । ଯେଉଁମାନେ ଭ୍ରମଜାଲରେ ପଡ଼ିଏପରି କୁକାର୍ଯ୍ୟ କରୁଛନ୍ତି କବି ସେମାନଙ୍କୁ ଅତି ନିଷ୍ଠୁର ଭାବରେ ବ୍ୟଙ୍ଗ କରିଛନ୍ତି ।

## ୧୭.୭ ଶବ୍ଦାର୍ଥ

ଯେଥୁ—ଏଠାରୁ

ଅନନ୍ତରେ—ଏହାପରେ

ରାୟେ—ରାଜା

କୟେ—କଲେ

ଯେଣେ—ଯେପରି

ଆବର—ଅନ୍ୟ

ମେଲାଇଲା—ମେଲିଦେବା

ପାର୍ଥ—ଅର୍ଜୁନ

ପିଣ୍ଡ—ଶବର ଅଂଶାବଶେଷ

ବ୍ରହ୍ମବଛା—ବ୍ରହ୍ମାଙ୍କ ପୁତ୍ର

କଥୟନ୍ତି—କହନ୍ତି

ଯମନିକତୀର୍ଥ—ପୁରୀଧାମ

ଉଚ୍ଛର୍ଗ—ସମର୍ପଣ

ବିରଞ୍ଚି—ବ୍ରହ୍ମା

ଯେଥେ—ଏଠାରେ

ମୁନିବ୍ରତ—ମୁନି ସୁଲଭ ନିରବତା

ଆଦିତ୍ୟ—ସୂର୍ଯ୍ୟ

ସୟଳ—ଶଇଳ, ପର୍ବତ

ଭାସ୍କର—ସୂର୍ଯ୍ୟ

ଜନେକ—ଜଣେ

ବିଷମ—କଠିନ କାର୍ଯ୍ୟ

ଅସ୍କନ୍ଦ—ଦୁର୍ଗମ

ହରିବଳ—ମର୍କଟ ବଳ, ବାନର ସେନା

ସାଖା—ସଖା

ଆକ୍ରେଷି—ମଜଭୂତ କରି

ନୂଆରିଲା—ନଇଁଗଲା

ଗୋପ୍ୟାନ—ଗୁପ୍ତ, ଲୁକ୍କାୟିତ

ଅମାର୍ଗ—ଭୁଲ ବାଟ

କର ତାର—ସୂର୍ଯ୍ୟ

ହାଥେ—ହାତରେ

ବପୁ—ଶରୀର

ଅହିବ୍ରତେକ—ଅୟୁତଯୋଜନ

ସାଞ୍ଚ—ସଞ୍ଚରିତ

ମତ୍ତ—ଗର୍ବିତ, ଆତ୍ମହରା

ଦୁର୍ଗାଙ୍ଗନେ—ଦୁର୍ଗ ଭିତରେ

ଲୋହାର—ଲୁହାର

କପୋଛ—ମୂଷଳ

କଇବ୍ରତ—କେଉଟ

ଦିଲା—ଦେଲା

ସିନ୍ଧୁପାଣି—ସମୁଦ୍ରଜଳ

ହାଦେ—ନିଶ୍ଚେ

ବିସ୍ମୁରିଲା—ବିସ୍ମରିଲା

ଗତି—ଭକ୍ତି

ହାଣି—କରିଲେ

ଶନ—ଦର୍ଶନ

ତତ୍ତୁଲ୍ୟ—ସେହିପରି

ପାଷାଣାନ୍ତ—ପାଷାଣକରି

ସଲ୍ଲଘ—ଶ୍ଲାଘ୍ୟ, ଉଚ୍ଚ

ଯମେଶ୍ୱର—ମହାଦେବ

କାଷ୍ଠାକରି—ଉପକାରକରି

ଶୋୟେ—ଶୋଇଗଲି

ଶୁଡିଲେ—ଶୁଣିଲେ

ବିମୋଚନ—ମୁକ୍ତି, ଉଦ୍ଧାର

ତୁକୁ—ତୋତେ

ନୃପତି ମାରକଣ୍ଠ—ନପତି ଶ୍ରେଷ୍ଠ

ପୂର୍ବ କୀର୍ତ୍ତି-ସ୍ମୃତି-ପୂତ— ପୂର୍ବ ଗୌରବରେ ପବିତ୍ରିତ

ପ୍ରତିଲୋମ—ବିପରୀତ ପ୍ରବାହ

ନଶ୍ୱର—ଅସ୍ଥାୟୀ

ବ୍ୟୋମ—ଆକାଶ

ଜରଜୀର୍ଣ୍ଣ—ଅତି ପୁରାତନ କ୍ଷୟପ୍ରାପ୍ତ

ପୁଣ୍ୟଶ୍ଳୋକ—ପୁଣ୍ୟକର୍ମ ଦ୍ୱାରା ଯଶସ୍ୱୀ

ଦୃଷଦ୍‌ବତୀ—ପଞ୍ଜାବର ପ୍ରାଚୀନ ନଦୀ ବିଶେଷ

ସୈକତିନୀ—ବାଲୁକାମୟୀ

ନୀଳନୀରାମ୍ବର—ନୀଳଜଳପରିବୃତା

ଭ୍ରୂଭଙ୍ଗେ—କଟାକ୍ଷ

ପାଏକ—ପାଇକ

ଆସ୍କନ୍ଦ—ଘୋଡ଼ାର କଦମ ଚାଲି

ଶୁଣ୍ଡାଳ—ହସ୍ତୀ

ଚନ୍ଦ୍ରାତପ—ଚାନ୍ଦୁଆ

ମହାର୍ଘ—ମହାମୂଲ୍ୟବାନ୍

ଉପାଧି—ସମ୍ମାନ, ପଦବୀ

କର୍ଣ୍ଣରସାୟନ—ଶ୍ରୁତିମଧୁର

ଜଙ୍ଗଭକ୍ଷ୍ୟ—ଜଙ୍ଗ ଖାଇଯାଇଥିବା

ତଲବାର—ଖଣ୍ଡା

ଶିରପେଞ୍ଚ—ଶିରସ୍ତ୍ରାଣ

କାଳଦନ୍ତ—ସମୟ ଆଘାତରେ

ତ୍ୱକ୍‌ସାର—ପୋଲା, ଅସାର, ସାରହୀନ

ମହାବ୍ୟାଧି—ଅସାଧ୍ୟ ରୋଗ

ଅସ୍ଥାୟୀ—କ୍ଷଣସ୍ଥାୟୀ

ଷୋଡ଼ଶୋପଚାର—ଷୋଳ ପ୍ରକାରରେ ପୂଜା

ଶରା—ଛୋଟ ମାଟିପାତ୍ର

ସପ୍ତବିତସ୍ତି—ସାତ ଚାଖଣ୍ଡ

ସ୍ମିତ—ଈଷତ୍ ବା ମୃଦୁ ହସ

ଭ୍ରୂକୁଟୀ—ତୀବ୍ର ବିରକ୍ତିରେ ଭ୍ରୂକୁଞ୍ଚନ

ଶାଶ୍ୱତ—ଚିରସ୍ଥାୟୀ

ଚିଦାକାଶ—ଚିତ୍ ରୂପକ ଆକାଶ

ଆତ୍ମହା—ଆତ୍ମଘାତୀ

ଭେଲ—ଖପ୍ପର

ନଖଶିଖ—ଆପାଦମସ୍ତକ

ପୀୟୂଷ—ଅମୃତ

ବିଶ୍ୱଗେହେ—ସଂସାର ରୂପକ ଗୃହରେ

ଅହମିକା—ଗର୍ବ

କ୍ଷୁଣ୍ଣମନ—ଦୁଃଖିତ ମନ ଯାହାର

କ୍ରୀଡ଼ନକ—ଖେଳନା

ନାହା—ମାଲିକ ବା ସ୍ୱାମୀ

କୁଳିଶ—ବଜ୍ର

ଉତ୍‌ଫଣ—ଫଣା ଉଠାଇଥିବା

ପ୍ରତିବାସିପତ୍ରେ—ପାଖରେ ବସିଥିବା ଲୋକର ପତ୍ରରେ

ପେଖନା—ଛଳନା

ବର୍ହ—ପୁଚ୍ଛ

ପ୍ରକଟାଇ—ପ୍ରକାଶ କରି

କୁଣ୍ଡଳୀ—ସର୍ପ

ଜିଗୀଷା—ଜୟକରିବାର ଇଚ୍ଛା

ବୁଦ୍‌ବୁଦ୍‌—ପାଣିଫୋଟକା

ଶଫରୀ—କରଣ୍ଡୀ ମାଛ

ରୋଗଭୂ—ରୋଗଜନ୍ମର ଉତ୍ସ

ବ୍ୟାଜେ—କପଟେ, ଛଳରେ

ଦର୍ପ—ଗର୍ବ

ଦେହଳୀ—ଏରୁଣ୍ଡିବନ୍ଧ

ବୈଶ୍ୱାନର—ନିଆଁ

ପ୍ରେତପତି—ଯମ

## ୧୬.୭ ପଠନ ଅଭ୍ୟାସ

ସମ୍ପୂର୍ଣ୍ଣ ମୂଳପାଠକୁ ପଢି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅନ୍ତୁ ।

୧. କେଉଁ ପ୍ରସଙ୍ଗରେ କୁହାଯାଇଛି—

(କ) ଅସ୍ତୁଳ ବନରେ ସେ ରହିଲେ ଶ୍ରୀରାମ

(ଖ) ନୀଳକଳ୍ପବଟ ତଳେ ଭଳଇ ରାୟେ ବସି

(ଗ) ପୋଷାକ ଚୁଟିଆ ମୂଷାର ଆହାର

(ଘ) ମଧ୍ୟେ କେତେ ଦିନ ମାତର କୁଣିଆ

୨. ମୂଳପାଠରେ କେଉଁ ପୃଷ୍ଠାରେ ବ୍ୟବହୃତ ହୋଇଛି ଦେଖାଇ ଦିଅନ୍ତୁ—
ସିଦ୍ଧଅନୁକୂଳମନ୍ତ୍ରୀ, ପ୍ରତିବାସୀ, ଯମେଶ୍ୱର ଅଷ୍ଟବକ୍ର, ଦିପୋଟି, ଚନ୍ଦ୍ରାତପ ।

୩. ମୂଳପାଠରେ ବ୍ୟବହୃତ ଯେକୌଣସି ୧୦ଟି ପ୍ରାଚୀନ ଶବ୍ଦର ଆଧୁନିକ ରୂପ ଲେଖନ୍ତୁ—

## ୧୬.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

ପ୍ରଶ୍ନ : ୧. ନିମ୍ନଲିଖିତ ଶବ୍ଦମାନଙ୍କୁ ନେଇ ବାକ୍ୟ ଗଠନ କରନ୍ତୁ—
ମହାଭାରତ, ବିଶ୍ୱାବସୁ, ଅଗସ୍ତି, ମରକତ ମହୀପତି, ତପ୍ତବୈତରଣୀ ।

୨. ନିମ୍ନଲିଖିତ ପ୍ରାଚୀନ ଶବ୍ଦଗୁଡ଼ିକର ଆଧୁନିକ ରୂପ ନିରୂପଣ କରନ୍ତୁ—

ନୁଆରିଆ, କଇବ୍ରତ, ଦ୍ରଶନ, ଶୁଡିଲେ, ସଲଘ ।

୩. ନିମ୍ନଲିଖିତ ଶବ୍ଦ ଗଠନରେ କେଉଁ କେଉଁ ଶବ୍ଦ ବା ଧାତୁ ପ୍ରତ୍ୟୟ ନିହିତ ଅଛି—

ଭଲେଣି, ବସିବା, ସାତ୍ତ୍ୱିକ, ଆଦିତ୍ୟ, ଚୁଟିଆ ।

୪ ନିମ୍ନଲିଖିତ ଶବ୍ଦଗୁଡ଼ିକ କେଉଁ କେଉଁ ମୂଳଭାଷାର ନିର୍ଣ୍ଣୟ କରନ୍ତୁ—

ପର୍ବତ, ଓ୍ୱାରେଣ୍ଟ, ପୋଷାକ, ପୁଲିସ, କଜିଆ ।

୫ ନିମ୍ନୋକ୍ତ ଅସଜଡ଼ା ବାକ୍ୟଗୁଡ଼ିକୁ ସଜାଡ଼ି ଲେଖନ୍ତୁ—

(କ) ସ୍ୱର୍ଗବାଣୀ ନ ପୋଡ଼ ବୋଲି ଶୁଭିଲା ଅର୍ଜ୍ଜୁନ ।

(ଖ) ଆମ୍ଭେ ସେ ଅଧିପତି ତୀର୍ଥର ଯମନିକ ।

(ଗ) ପୁଲିସ ମୁହିଁ ଅଟଇ ଆନ ବୋଲେ ।

(ଘ) ପ୍ରତାପ ଦେଖାନ୍ତି ଉପରେ ଗରୁଡ଼ ।

ଉତ୍ତର : ୧. (କ) ଶୂଦ୍ରମୁନି ସାରଳା ଦାସ ଓଡ଼ିଆ ମହାଭାରତ ରଚନା କରିଥିଲେ ।

(ଖ) ବିଶ୍ୱାବସୁ ନାମକ ବ୍ରାହ୍ମଣ ଦେଉଳର ଶୁଭଅନୁକୂଳ କରିଥିଲା ।

(ଗ) ବିଲଙ୍କା ଦେଶର ରାଜା ଅଗସ୍ତିମୁନିଙ୍କର ପାଦପଦ୍ମ ପୂଜାକଲେ ।

(ଘ) ମରକତ ମହୀପତି କାଠଯୋଡ଼ି ପଥର ବନ୍ଧ ନିର୍ମାଣ କରିଥିଲେ ।

(ଙ) ଦାନଧର୍ମ କଲେ ମୃତ୍ୟୁ ପରେ ମନୁଷ୍ୟ ତପ୍ତବୈତରଣୀ ପାରହୋଇଥାଏ ।

୨. ଯଥାକ୍ରମେ—ନଇଁଗଲା, କୈବର୍ତ୍ତ, ଦର୍ଶନ, ଶୁଣିଲେ, ଶ୍ଳାଘ୍ୟ ।

୩. ଭଲ—ଏଣି, ବସ୍—ଇବା, ସତ୍ତ୍ୱ—ଇକ, ଅଦିତି—ଯ, ଚୁଟି—ଆ ।

୪. ପର୍ବତ—ତତ୍ସମ

ପୋଷାକ—ଯାବନିକ

ଶରଧା—ତଦ୍ଭବ

ଓ୍ୱାରେଣ୍ଟ—ଇଂରାଜୀ

ପୁଲିସ—ଇଂରାଜୀ

କଜିଆ—ଯାବନିକ

୫. (କ) ନ ପୋଡ଼ି ଅର୍ଜ୍ଜୁନ ବୋଲି ଶୁଭିଲା ସ୍ୱର୍ଗବାଣୀ ।

(ଖ) ଆମ୍ଭେ ସେ ଯମନିକ ତୀର୍ଥର ଅଧିପତି ।

(ଗ) ଆନ ବୋଲେ ମୁହିଁ ଅଟଇ ପୁଲିସ ।

(ଘ) ଗରୁଡ ଉପରେ ଦେଖାନ୍ତି ପ୍ରତାପ ।

## ୧୬.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ଶବ୍ଦମାନଙ୍କୁ ନେଇ ଗୋଟିଏ ଲେଖାଏଁ ବାକ୍ୟ ଗଠନ କରନ୍ତୁ—

ପିଣ୍ଡ, ରାବଣ, ଯମନିକ, ଚିତ୍ରଗୁପ୍ତ, ନଖଶିଖ, ବୈଶ୍ୱାନର ।

୨. ନିମ୍ନଲିଖିତ ପଦମାନଙ୍କର ବ୍ୟାସବାକ୍ୟ ସହ ସମାସ ନିର୍ଣ୍ଣୟ କରନ୍ତୁ—

ଅସାର, ରୋଗାକ୍ରାନ୍ତ, ପୁରୁଷୋତ୍ତମ, ଅଭାବ, ସସମ୍ମାନ ।

୩. ଶବ୍ଦରେ ବ୍ୟବହୃତ ପ୍ରତ୍ୟୟଗୁଡିକ ଚିହ୍ନାଇ ଦିଅନ୍ତୁ—

ଧନୀ, ଦୁଃଖୀ, ଯଶସ୍ୱୀ, ସୂର୍ଯ୍ୟ, ଶାରୀରିକ ।

୪. ସନ୍ଧିବିଚ୍ଛେଦ କରନ୍ତୁ—

ଅଧୋଗତି, ତତ୍କାଳ, ଦିଗନ୍ତ, ଉଲ୍ଲେଖ ।

୫. ପୂର୍ବାପର ପ୍ରସଙ୍ଗ ନିରୂପଣ କରି ଭାବାର୍ଥ ବୁଝାଇ ଲେଖନ୍ତୁ—

(କ) କୋପେଣ ଶାପ ବିହିଲେ କରଣର

(ଖ) ବୁଦ୍‌ବୁଦ୍ ପରାୟେ ଏହିନଦୀ ନୀରେ

୬. ନିମ୍ନଲିଖିତ ଉକ୍ତିଗୁଡିକ କେଉଁ ପ୍ରସଙ୍ଗରେ କୁହାଯାଇଛି—

(କ) ବଡାଇ ଧାର୍ମିକ ସେ ଅଟଇ ନୃପବର

(ଖ) ତିନିତାଳ ଆୟତେନ ତିନିତାଳ ଦୀର୍ଘ

(ଗ) ଏମର ଜୀବନେ ଅମର ଜୀବନ

(ଘ) ଭଲ ତୁମ୍ଭେ ତିନି ଶଫରୀ ସରବେ

୭. ସଂକ୍ଷିପ୍ତ ଟିପ୍‌ପଣୀ ଲେଖନ୍ତୁ—

ନୀଳସୁନ୍ଦର, ଶ୍ରୀରାମ, ଚିତ୍ରଗୁପ୍ତ, ପାଞ୍ଜି, ରାଧାନାଥ ରାୟ ।

୮. ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ପାଞ୍ଚୋଟି ଲେଖାଏଁ ବାକ୍ୟରେ ପ୍ରଦାନ କରନ୍ତୁ—

(କ) ପଞ୍ଚଦଶ ଶତାବ୍ଦୀରେ ଓଡିଆ ଭାଷା କିପରି ଥିଲା ?

(ଖ) ସାରଳା ଦାସ ନିଜକୁ ମୂର୍ଖ ଓ ଅପଣ୍ଡିତ କହିବାର ତାତ୍ପର୍ଯ୍ୟ କଣ ?

(ଗ) ଊନବିଂଶ ଶତାବ୍ଦୀରେ ଆଧୁନିକ ଓଡ଼ିଆ ଭାଷାର ସ୍ୱରୂପ ନିର୍ଣ୍ଣୟ କର ।

(ଘ) 'ଦରବାର' କାବ୍ୟ ସୃଷ୍ଟି ମୂଳରେ କବିଙ୍କର କି ଚିନ୍ତାଧାରା ନିହିତ ?

୯. ବିପରୀତାର୍ଥବୋଧକ ଶବ୍ଦ ଗଠନ କରନ୍ତୁ—

ଆହାର, ଆସକ୍ତ, ଅକ୍ଲେଶ, ବିଶ୍ୱାସ, ଦେଖାନ୍ତି ।